## ୨୭ତମ ପ୍ରତିଷ୍ଠା ଦିବସ ପାଳିଲା ବିଜେଡି

# ‘ନବୀନ ଓଡ଼ିଶା’ ଗଠନରେ ବ୍ରତୀ ହେବାକୁ ଶପଥ







- ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ
- ଆଇନାବନ୍ଧ ସାହିରେ ବୃକ୍ଷରୋପଣ
- ସିଟି ହସ୍ପିଟାଲରେ ଫଳ ବଣ୍ଟନ
- ବୁଢ଼ୀ ଠାକୁରାଣୀ ମନ୍ଦିରରେ ଦୀପଦାନ
- ଘରେ ଘରେ ବିକାଶର ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ
- ‘ଜୀବନ ବିନ୍ଦୁ’ କାର୍ଯ୍ୟକ୍ରମରେ ୧୭୦ ୟୁନିଟ୍ ରକ୍ତ ସଂଗ୍ରହ

**ବ୍ରହ୍ମପୁର,୨୬ ।୧୨(ସମିସ):**

ବ୍ରହ୍ମପୁର ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଦଳର ୨୭ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏ ଅବସରରେ ସମସ୍ତ ନେତା ଓ କର୍ମୀ ସମୃଦ୍ଧ, ସଶକ୍ତ ଓ ନବୀନ ଓଡ଼ିଶା ଗଠନରେ ବ୍ରତୀ ହେବାକୁ ଶପଥ ନେଇଛନ୍ତି। ଦୀର୍ଘ ୨୭ବର୍ଷ ଧରି ଓଡ଼ିଶାରେ ନିରବିଚ୍ଛିନ୍ନ ଭାବେ ସେବା ଯୋଗାଇ ଆସୁଥିବା ବିଜୁ ଜନତା ଦଳ ଆଜି ସାରା ଭାରତରେ ବୃହତ୍ତ ଆଞ୍ଚଳିକ ଦଳ ଭାବେ ପରିଗଣିତ ହୋଇଛି। ତୃଣମୂଳସ୍ତରର ଲୋକଙ୍କ ପାଇଁ ଯୋଜନାର ପ୍ରୟୋଗଶାଳା କରି ନିକଟତର ହୋଇଛି। ବର୍ତ୍ତମାନ ବିଜେଡି ଏକ ମହାସମୁଦ୍ରରେ ପରିଣତ ହୋଇପାରିଛି ବୋଲି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଓ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା କହିଛନ୍ତି।

ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଆଜି ସକାଳେ ସହରର ବିଜୁ ପଟ୍ଟନାୟକ ପାର୍କରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି, ତାଲୁକା ଛଠାରେ ଥିବା ପ୍ରତିମୂର୍ତ୍ତି ଓ ଦେଶୀବେହେରା ସାହିରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ତତପରେ ଆଇନାବନ୍ଧ ସାହିରେ ବୃକ୍ଷରୋପଣ କରାଯିବା ସହ ସିଟି ହସ୍ପିଟାଲରେ ଫଳ ବଣ୍ଟନ କରାଯାଇଥିଲା। ତତନରେ ସ୍ଥାନୀୟ ଧର୍ମନଗର ଠାରେ ‘ଜୀବନ ବିନ୍ଦୁ’ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୧୭୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସନ୍ଧ୍ୟାରେ ଉତ୍କଳ ସିନେମା ହଲଠଛକଠାରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ଏଥିରେ ସାଂସଦ, ବିଧାୟକଙ୍କ ସମେତ ଜିଲ୍ଲା ବିଜେଡି ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଜୋନ୍ ଛାତ୍ର ସଭାପତି ଜ୍ୟୋତି ରଞ୍ଜନ ସାହୁ, ମହାନଗର ଯୁବ ସଭାପତି ଅଜିତ ପଣ୍ଡା, ଛାତ୍ର ସଭାପତି ଶୋଭନ ନାୟକ, ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନଙ୍କ ସମେତ ନିଗମର ବହୁ କର୍ପୋରେଟର ଓ ଦଳୀୟ କର୍ମୀ ଓ ବିଜେଡିର ସକ୍ରୀୟ ନେତାଗଣ ଉପସ୍ଥିତ ଥିଲେ। ଏ ଅବସରରେ "୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ତତ୍ତ୍ୱାବଧାନରେ ବ୍ରହ୍ମପୁର ସହରରେ ହୋଇଥିବା ସର୍ବାଙ୍ଗୀନ ବିକାଶ ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ପରେ ନେତା ଓ କର୍ମୀମାନେ ଦଳର ଶୃଙ୍ଖଳିତ କର୍ମୀଭାବେ କାମ କରିବାକୁ ଶପଥ ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ଓ ବ୍ରହ୍ମପୁର ସହରର ବିକାଶ ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଦିଗରେ ସମସ୍ତ କର୍ମୀ ଗୁରୁତ୍ୱ ଦେବାକୁ ଜନପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ସହରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କୁନି ନୃତ୍ୟଶିଳ୍ପୀମାନଙ୍କ ବିଭିନ୍ନ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଡ. ଭଗବାନ ଗନ୍ତାୟତ, କର୍ପୋରେଟର ଦୁର୍ଗା କୁମାର ଲାୟକ, ତ୍ରିପତି ପାତ୍ର, ସମୀର କୁମାର ମିଶ୍ର, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ମମତା ବିଷୋୟୀଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ବିଜେଡି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଅବସରରେ ଦଳ ପକ୍ଷରୁ ମଙ୍ଗଳବାର ପୁରୁଣା ବ୍ରହ୍ମପୁର ମେଣ୍ଟୁ ଛକରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବହୁ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବିଭିନ୍ନ୍ ରୋଗ ସମ୍ପର୍କରେ ଡାକ୍ତରୀ ପରାର୍ମର୍ଶ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଏମିସି ଡେପୁଟି ମେୟର ବିବେକ ରେଡ୍ଡୀ, କର୍ପୋରେଟର ମଳୟ ବିଷୋୟୀ, ପଦ୍ମିନୀ ମିଶ୍ର, ବେବୀ ନାୟକଙ୍କ ସମେତ ଡାକ୍ତରୀ ଦଳ ଓ ସ୍ଥାନୀୟ ଆଶାକର୍ମୀମାନେ ଉପସ୍ଥିତ ଥିଲେ।

## ବଡିବିଲ୍ଡର ବଲାଲ ଖାନ୍‌ଙ୍କ ଭାଇ ରହୁଥିବା ଘର ଉପରକୁ ବୋମାମାଡ଼

**ବ୍ରହ୍ମପୁର,୨୬ ।୧୨(ସମିସ):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅନନ୍ତନଗର ୭ମ ଲାଇନ ନିବାସୀ ଜଲାଲ ଖାନ୍‌ଙ୍କ ଘର ଉପରକୁ ବୋମାମାଡ଼ ହୋଇଛି। ଏନେଇ ଜଲାଲ ଖାନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଁଚି ତଦନ୍ତ ଚଳାଇଛି। ଘଟଣାର ଆଖପାଖରେ ଥିବା ସିସିଟିଭି ଫୁଟେଜକୁ ମଧ୍ୟ ସଂଗ୍ରହ କରୁଥିବା ପୁଲିସ କହିଛି। ସୂଚନାଯୋଗ୍ୟ ଯେ, ଛତ୍ରପୁର ଷ୍ଟେସନ ରୋଡ଼ ନିବାସୀ ତଥା ବଡି ବିଲ୍ଡର ବଲାଲ୍ ଖାନଙ୍କ ଭାଇ ଜଲାଲ୍ ଖାନ୍ ଦୀର୍ଘ ଏକ ବର୍ଷ ହେଲା ବ୍ରହ୍ମପୁର ସହରର ଅନନ୍ତନଗରରେ ଏକ ଭଡାଘରେ ରହି ବ୍ୟବସାୟ କରୁଛନ୍ତି। ଏଠାରେ ଜଲାଲଙ୍କ ଜଣେ ବନ୍ଧୁଙ୍କ ସମେତ ଅନ୍ୟ ଜଣେ କର୍ମଚାରୀ ମଧ୍ୟ ରୁହନ୍ତି। ସୋମବାର ଘରେ କେହି ନଥିବା ସମୟରେ ଘର ଉପରକୁ କେହି ଦୁର୍ବୃତ୍ତ ବୋମାମାଡ କରିଥିବା ଜଣାପଡିଛି। ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ଏହି ବୋମାମାଡ଼ କରିଥିବା କିଛି ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି। ପରେ ଜଲାଲ୍ ତୁରନ୍ତ ୧୧୨ନଂ କୁ କଲ କରି ଘଟଣା ସଂପର୍କରେ ଜଣାଇଥିଲେ। ଖବର ପାଇ ବୈଦ୍ୟନାଥପୁର ଥାନା ପୁଲିସ ଓ ୧୧୨ନଂ ଭ୍ୟାନ ପହଞ୍ଚି ଘଟଣାସ୍ଥଳରୁ ବୋମାର କିଛି ଅଂଶବିଶେଷ ଜବତ କରିଥିଲେ। ଜଲାଲଙ୍କ ଜଣେ ମହିଳା ବନ୍ଧୁଙ୍କୁ ପୂର୍ବରୁ ଶୁଭମ ନାମକ ଜଣେ ଯୁବକ ନାନା ହଇରାଣ କରିବା ସହ ବିଭିନ୍ନ ଧମକ ଦେଇଥିଲେ। ସେହି ଯୁବକ ଜଣକଙ୍କର ଏହି ବୋମାମାଡ ଘଟଣାରେ ହାତ ଥିବା ନେଇ ଜଲାଲ ସନ୍ଦେହ କରିଛନ୍ତି। ଶୁଭମଙ୍କ ବିଷୟରେ ଜଲାଲ ପୁଲିସକୁ ତଥ୍ୟ ଦେବାପରେ ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତକୁ ତ୍ୱରାନ୍ୱିତ କରିଛି।

## ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଅଭିଯୋଗ ଶୁଣାଣି




**ବ୍ରହ୍ମପୁର,୨୬ ।୧୨(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ. ସର୍ବଣା ବିବେକ ଏମ, ବିଏମସି କମିଶନର ଜେ. ସୋନାଲ, ବ୍ରହ୍ମପୁର ଉପଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୪୬ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୪୧ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୫ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ମୋଟ ୩ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ସେହିପରି ରେଡ଼କ୍ରସ ପାଣ୍ଠିରୁ ୨ଜଣଙ୍କୁ ମୋଟ ୨୦ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗ ଗୁଡ଼ିକ କିଭଳି ତୁରନ୍ତ ସମାଧାନ ହେବ ସେନେଇ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଉପଖଣ୍ଡର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ)ଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ● ୨୦୨୩ ବର୍ଷ ପାଇଁ କୋର୍ଟର ଶେଷ କାର୍ଯ୍ୟଦିବସ ଆଜି

## ପ୍ରକାଶ ପାଇବ ଦୁଇଟି ବହୁଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲାର ରାୟ !



**ବ୍ରହ୍ମପୁର,୨୬ ।୧୨(ସମିସ):** ୨୦୨୩ ମସିହା ପାଇଁ ବୁଧବାର ହେଉଛି କୋର୍ଟର ଶେଷ କାର୍ଯ୍ୟଦିବସ। ଏହି ଦିନରେ ପ୍ରକାଶ ପାଇବାକୁ ଯାଉଛି ଦୁଇ ଦୁଇଟି ଚର୍ଚ୍ଚିତ ମାମଲାର ଚୂଡ଼ାନ୍ତ ରାୟ। ଗୋଟିଏ ବିଷ୍ଣୁ ଗୌଡ଼ ହତ୍ୟାକାଣ୍ଡ ମାମଲା ଓ ଅନ୍ୟଟି ରତ୍ନେଇ ପାହାଡ଼ ନିକଟରୁ ଉଦ୍ଧାର ହୋଇଥିବା ମହିଳାଙ୍କ କଙ୍କାଳ ଘଟଣା। ବିଷ୍ଣୁ ଗୌଡ଼ ହତ୍ୟାକାଣ୍ଡ ମାମଲାରେ ସମସ୍ତ ସାକ୍ଷୀଙ୍କ ବୟାନ ରେକର୍ଡ ସହ ୩ ଜଣ ଅଭିଯୁକ୍ତଙ୍କ ବୟାନ ରେକର୍ଡ ଶେଷ ହୋଇଛି। ମଙ୍ଗଳବାର ଉଭୟ ପକ୍ଷ ଓକିଲଙ୍କ ମଧ୍ୟରେ ତର୍କ ହୋଇଥିବା ବେଳେ ବୁଧବାର ମଧ୍ୟ ଉଭୟ ପକ୍ଷ ଓକିଲଙ୍କ ମଧ୍ୟରେ ତର୍କ ହେବା ସହିତ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଯାହାକୁ ନେଇ ସମସ୍ତଙ୍କ ନଜର ରହିଛି। ସେହିଭଳି ପାଟପୁର ଥାନା ଅନ୍ତର୍ଗତ ରତ୍ନେଇ ପାହାଡ଼ ନିକଟରୁ ଜଣେ ମହିଳାଙ୍କ କଙ୍କାଳ ମିଳିବା ଘଟଣା ଯାହା ପ୍ରଥମେ ଅପମୃତ୍ୟୁ ଓ ପରେ ହତ୍ୟାକାଣ୍ଡକୁ ରୂପାନ୍ତର ହୋଇଥିଲା ଉକ୍ତ ଘଟଣାର ମଧ୍ୟ ଚୂଡ଼ାନ୍ତ ରାୟ ପ୍ରକାଶ ପାଇବାକୁ ଥିବା ଜଣାପଡ଼ିଛି। ଏହି ଘଟଣାରେ ଡାକ ଭୂୟାଁ ନାମକ ଜଣେ ବ୍ୟକ୍ତିଙ୍କୁ ପୁଲିସ ପୂର୍ବରୁ ଗିରଫ କରିଛି।

## ବିଏମ୍‌ସି ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

**ବ୍ରହ୍ମପୁର,୨୬ ।୧୨(ସମିସ):** ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ନିଗମ କମିଶନର ଜେ.ସୋନାଲଙ୍କ ଉପସ୍ଥିତିରେ ୪୨ଟି ୱାର୍ଡ଼ରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଆସନ୍ତା ଫେବୃୟାରୀ ୧୫ତାରିଖ ସୁଦ୍ଧା ସମସ୍ତ ରାସ୍ତା, ଡ୍ରେନ, ମୁକ୍ତା ଯୋଜନାରେ ଚାଲିଥିବା ଫେବର ରୋଡ଼, ପୋଖରୀ, ଭେଣ୍ଡିଂଜୋନ ଆଦି କାର୍ଯ୍ୟ କପରି ଶେଷ ହେବ ସେନେଇ ଗୁରୁତ୍ୱ ଦେଇଥିଲେ। ୱାର୍ଡ୍ ୱାରୀ କାର୍ଯ୍ୟର ସମୀକ୍ଷା କରିବା ସହ ଜିଲ୍ଲାପାଳ ଶ୍ରୀ ପରିଡ଼ା ବିଭିନ୍ନ ବିଭାଗର ସମସ୍ୟା ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ। ଆଗାମୀ ଦିନରେ ଏହାର ସମାଧାନ ପ୍ରତି ଗୁରୁତ୍ୱ ଦିଆଯିବାକୁ ଏଠାରେ ନିଷ୍ପତି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ସମ୍ବିତ ରାଉତ, ନିଗମ ନିର୍ବାହୀ ଯନ୍ତ୍ରୀ ଲଳିତ ଦାସ ଓ ବି. ନାଗେଶ୍ୱ ରାଓ ସୁବୁଦ୍ଧି, ଡ଼େପୁଟି ନିର୍ବାହୀ ଯନ୍ତ୍ରୀ ରଞ୍ଜନ ପଣ୍ଡା, ଆସିଷ୍ଟାଣ୍ଡ ନିର୍ବାହୀ ଯନ୍ତ୍ରୀ ଯୟନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନ ପକ୍ଷରୁ ଗଣଧାରଣା




**ବ୍ରହ୍ମପୁର,୨୬ ।୧୨(ସମିସ):** ୧୫ ଦଫା ଦାବିରେ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନ ପକ୍ଷରୁ ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମସ୍ୟାର ସମାଧାନ ହେଉନଥିବାରୁ ସଂଘ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ସଂଘର ଦାବିଗୁଡ଼ିକ ମଧ୍ୟରେ ଶ୍ରମିକଙ୍କ ପିଲାମାନଙ୍କୁ ଶିକ୍ଷା ସହାୟତା ପ୍ରଦାନ, ଶ୍ରମିକମାନଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରିବା, ଯୁବତୀମାନଙ୍କ ବିବାହ ଆର୍ଥିକ ସହାୟତା ରାଶି ପ୍ରଦାନ, ସମସ୍ତ ଶ୍ରମିକଙ୍କ ପଞ୍ଜୀକରଣ, ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ ସମେତ ଆବେଦନର ୬୦ଦିନ ମଧ୍ୟରେ ସମସ୍ତ ସହାୟତା ପ୍ରଦାନ ଆଦି ପ୍ରମୁଖ ଦାବି ରହିଛି। ଉକ୍ତ ଦାବିଗୁଡ଼ିକ ନେଇ ଯୁଗ୍ମ ଶ୍ରମ କମିଶନରଙ୍କ ସହ ସଂଘ ପକ୍ଷରୁ ଆଲୋଚନା କରାଯାଇଥିବା ବେଳେ ଦାବି ଗୁଡ଼ିକ ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ନମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାରଣାରେ ଶ୍ରମିକ ନେତା ଶଙ୍କର ସାହୁ, ବିଜୟ କୁମାର ସାହୁ, ପି. ପାର୍ବତୀ ଓ ଗାୟତ୍ରୀ ବିଶ୍ୱାଳଙ୍କ ସମେତ ଶତାଧିକ ଶ୍ରମିକ ସାମିଲ ହୋଇଥିଲେ।

## ପୂର୍ବତନ ଜିଲ୍ଲା ଦୌରାଜଜ୍‌ଙ୍କ ମାତୃ ବିୟୋଗ



**ବ୍ରହ୍ମପୁର,୨୬ ।୧୨(ସମିସ):** ବ୍ରହ୍ମପୁର ଉପକଣ୍ଠ ଭାବିନିପୁର ଗ୍ରାମ ନିବାସୀ କୁମୁଦମାଳା ଶତପଥୀଙ୍କର ୯୧ ବର୍ଷ ବୟସରେ ପରଲୋକ ଘଟିଛି। ମଙ୍ଗଳବାର ମଧ୍ୟାହ୍ନରେ ନିଜ ବାସଭବନରେ କୁମୁଦମାଳାଙ୍କର ଦେହାନ୍ତ ହୋଇଥିଲା। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ, ପରୋପକାରୀ, ମେଳାପୀ ଓ ସ୍ନେହୀ ମହିଳା ଥିଲେ। ମଙ୍ଗଳବାର ଅପରାହ୍ନରେ ଭାବିନିପୁର ଶ୍ମଶାନରେ ତାଙ୍କର ଅନ୍ତେଷ୍ଟି ସମ୍ପନ୍ନ ହୋଇଥିଲା। ସ୍ୱର୍ଗତା କୁମୁଦମାଳା ଶତପଥୀଙ୍କର ୪ପୁଅ ଓ ୩ଝିଅ ଓ ନାତିନାତୁଣୀ ଅଛନ୍ତି। ସ୍ୱର୍ଗତା କୁମୁଦମାଳା ଶତପଥୀଙ୍କ ପୁଅ ହିମାଂଶୁ ଶେଖର ବ୍ରହ୍ମା ନିକଟରେ ସମ୍ବଲପୁର ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଭାବେ ଅବସର ଗ୍ରହଣ କରିଥିବା ବେଳେ ପୂର୍ବରୁ ମାଲକାନାଗିରିର ଜିଲ୍ଲା ଦୌରାଜଜ୍ ଭାବେ ଦାୟିତ୍ୱ ତୁଲାଇଥିଲେ।

### ● ଯୌତୁକ ଦାବିରେ ମହିଳାଙ୍କୁ ନିର୍ଯାତନା ମାମଲା

## ସ୍ୱାମୀ, ଶଶୁର, ଶାଶୂ ଓ ନଣନ୍ଦଙ୍କ କୋର୍ଟରେ ଆତ୍ମସମର୍ପଣ

**ବ୍ରହ୍ମପୁର,୨୬ ।୧୨(ସମିସ):** ଅଧିକ ଯୌତୁକ ଦାବି କରି ଜନୈକା ମହିଳାଙ୍କୁ ନିର୍ଯାତନା ଦିଆଯିବା ଘଟଣାରେ ପିଡିତା ମହିଳାଙ୍କ ସ୍ୱାମୀ, ଶଶୂର, ଶାଶୁ ଓ ନଣନ୍ଦ ମଙ୍ଗଳବାର ବ୍ରହ୍ମପୁର କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ସ୍ୱାମୀ ହେଉଛନ୍ତି ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ସଦାନନ୍ଦ ସାହୁ, ତାଙ୍କ ବାପା ଶିବରାମ ସାହୁ, ମାଆ ଗୀତାଞ୍ଜଳୀ ସାହୁ ଓ ନଣନ୍ଦ ପୁଷ୍ପାଞ୍ଜଳୀ ସାହୁ। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଗୋଷାଣିନୂଆଗାଁ ଅଞ୍ଚଳର ମିତ୍ରବିନ୍ଦା ପାଢୀ ୨୦୨୦ଫେବୃୟାରୀରେ ସଦାନନ୍ଦଙ୍କୁ ବୈଦିକ ନିତିରେ ବିବାହ କରିଥିଲେ। ବିବାହ ସମୟରେ ମିତ୍ରବିନ୍ଦାଙ୍କ ବାପଘର ପକ୍ଷରୁ ୫ଲକ୍ଷ ଟଙ୍କା, ସୁନାଚେନ, ମୁଦି ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ଯୌତୁକ ଭାବେ ଦିଆଯାଇଥିଲା। ବିବାହ ପରେ ଉଭୟ ସ୍ୱାମୀ-ସ୍ତ୍ରୀ କିଛି ଦିନ ଭୁବନେଶ୍ୱରରେ ରହିବା ପରେ ବାଙ୍ଗାଲୁରୁ ଚାଲି ଯାଇଥିଲେ। ତେବେ ସେଠାରେ ରହିବାର କିଛି ଦିନ ପରେ ମିତ୍ରବିନ୍ଦାଙ୍କୁ ତାଙ୍କ ସ୍ୱାମୀ ସଦାନନ୍ଦ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରିକି ବାପ ଘରୁ ଆଉ ୫ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ମିତ୍ରବିନ୍ଦାଙ୍କୁ ବାଧ୍ୟ କରିଥିଲେ। ପରେ ମିତ୍ରବିନ୍ଦା ନିଜ ବାପ ଘରୁ କିଛି ଟଙ୍କା ଆଣି ଦେଇଥିଲେ ହେଁ ଅଧିକ ଟଙ୍କା ଦାବି କରି ମଦ୍ୟପାନ କରି ମାରପିଟ କରିଥିଲେ। କିଛିଦିନ ପରେ ସଦାନନ୍ଦ ନିଜ ସ୍ତ୍ରୀଙ୍କୁ ଭୁବନେଶ୍ୱରରେ ଆଣି ଘରେ ଛାଡିଥିଲେ। ସେଠାରେ ଶାଶୂ, ଶଶୂର ଓ ନଣନ୍ଦ ମିଶି ମିତ୍ରବିନ୍ଦାଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ନିର୍ଯାତନାର ଶିକାର ହେବା ପରେ ୨୦୨୩ ଜୁନ ମାସରେ ମିତ୍ରବିନ୍ଦା ବ୍ରହ୍ମପୁର ସ୍ଥିତ ନିଜ ବାପ ଘରକୁ ଚାଲି ଆସିଥିଲେ। ଏବଂ ଘଟଣା ସମ୍ପର୍କରେ ବ୍ରହ୍ମପୁର ମହିଳା ଥାନାରେ ସେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାରେ ମିତ୍ରବିନ୍ଦାଙ୍କ ସ୍ୱାମୀ ସଦାନନ୍ଦଙ୍କ ସମେତ ଶାଶୂ, ଶଶୂର ଓ ନଣନ୍ଦ ଅଭିଯୁକ୍ତ ରହିଥିଲେ। ସେହିକ୍ରମରେ ସମସ୍ତ ଅଭିଯୁକ୍ତ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ସମସ୍ତ ଅଭିଯୁକ୍ତ ମଙ୍ଗଳବାର ବ୍ରହ୍ମପୁର ଆସି ତଳ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପରେ ସମସ୍ତେ ସର୍ତ୍ତମୂଳକ ଜାମିନରେ ମୁକୁଳିଥିବା ଜଣାପଡିଛି।

### ପୂର୍ବତନ ମେୟରଙ୍କ ଗାଡ଼ି ଉପରକୁ ବୋମାମାଡ଼ ଘଟଣା

## କୋର୍ଟରେ ଆତ୍ମସମର୍ପଣ କଲା ଫେରାର ଅଭିଯୁକ୍ତ ମୃତ୍ୟୁଞ୍ଜୟ

**ବ୍ରହ୍ମପୁର,୨୬ ।୧୨(ସମିସ):**

ବ୍ରହ୍ମପୁରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ଗାଡ଼ି ଉପରକୁ ବୋମାମାଡ଼ ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ମୃତ୍ୟୁଞ୍ଜୟ ସାବତ ମଙ୍ଗଳବାର କୋର୍ଟରେ ଆତ୍ମସମର୍ପଣ କରିଛି। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଡାକ୍ତର ଓରଫ ସନ୍ତୋଷ ସାହୁଙ୍କ ସମେତ ୫ଜଣ ଅଭିଯୁକ୍ତଙ୍କୁ ପୂର୍ବରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାରେ ସମ୍ପୃକ୍ତ ଅନ୍ୟଦୁଇ ଅଭିଯୁକ୍ତ ବାପି ଚୌଧୁରୀ ଓ ମୃତ୍ୟୁଞ୍ଜୟ ସାବତ ଘଟଣା ପରଠାରୁ ଫେରାର ଥିଲେ। କିଛି ଦିନପୂର୍ବେ ବାପି ଚୌଧୁରୀ ବ୍ରହ୍ମପୁର କୋର୍ଟରେ ଆତ୍ମସମର୍ପଣ କରିଥିଲା। ଅନ୍ୟତମ ଅଭିଯୁକ୍ତ ମୃତ୍ୟୁଞ୍ଜୟ ସାବତ ଉକ୍ତ ମାମଲାରେ ଆଗୁଆ ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମୃତ୍ୟୁଞ୍ଜୟ ବ୍ରହ୍ମପୁର ଏସଡିଜେଏମଙ୍କ କୋର୍ଟରେ ମଙ୍ଗଳବାର ଆତ୍ମସମର୍ପଣ କରିଥିବା ଜଣାପଡିଛି। ପରେ ତାଙ୍କ ଓକିଲ ହାଇକୋର୍ଟରୁ ମିଳିଥିବା ଜାମିନ ସମ୍ପର୍କିତ ଆବଶ୍ୟକ ନଥିପତ୍ର କୋର୍ଟରେ ଦାଖଲ କରିଥିଲେ। ଘଟଣା ଘଟିବା ପରଠାରୁ ଅଭିଯୁକ୍ତ ମୃତ୍ୟୁଞ୍ଜୟଙ୍କୁ ଧରିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ପୁଲିସ ଟିମ୍ ପକ୍ଷରୁ ଚଢଉ କରାଯାଇଥିଲେ ହେଁ ସଫଳତା ମିଳିନଥିଲା। ଦୀର୍ଘ ୩ମାସ ଧରି ପୁଲିସକୁ ଚକମା ଦେଉଥିବା ଅଭିଯୁକ୍ତ ମୃତ୍ୟୁଞ୍ଜୟ ନିଜ ଓକିଲଙ୍କ ଜରିଆରେ ବ୍ରହ୍ମପୁର କୋର୍ଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ମୃତ୍ୟୁଞ୍ଜୟର ଆତ୍ମସମର୍ପଣ ପରେ ପୁଲିସର ସମସ୍ତ ପରିଶ୍ରମ ପାଣିରେ ପଡିବା ଭଳି ହୋଇଛି।



ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୨୯ତାରିଖ ରାତିରେ ପୁଅର ସ୍ୱାସ୍ଥ୍ୟ ପରୀକ୍ଷା କରି ପିଣ୍ଟୁ ଦାଶ ନିଜ ମହିନ୍ଦ୍ରା କାର ଓଡ଼ି୦୭ ଇ -୧୧୧୧ରେ ଘରକୁ ଫେରୁଥିଲେ। ସେହି ସମୟରେ ଗୋଷାଣିନୂଆଗାଁ ବଡସାହିରେ କେତେକ ଦୁର୍ବୃତ୍ତ ତାଙ୍କ କାର ଉପରକୁ ବୋମାମାଡ଼ କରିଥିଲେ। ବୋମାମାଡ ଘଟଣାରେ ପିଣ୍ଟୁ ଓ ତାଙ୍କ ପୁଅଙ୍କ ସମେତ ୪ଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ଅନୁସନ୍ଧାନ କରି ୫ଜଣ ଅଭିଯୁକ୍ତ ଗୋଷାଣିନୂଆଗାଁର ସାନି ଓରଫ ସୁନିଲ କୁମାର ସାହୁ, ଲାଠି ଗ୍ରାମର ନୀଳ ଓରଫ ନିଳାଞ୍ଚଳ ପାଳ ଓ ମହେଶ୍ୱର ମହାରଣା, ଶିବ ଜେନା ଓ ଗୋଷାଣିନୂଆଗାଁ ଆଡୁଆ ସାହିର ଡାକ୍ତର ଓରଫ ସନ୍ତୋଷ କୁମାର ସାହୁଙ୍କୁ ଗତ ଅକ୍ଟୋବର ୧୧ରେ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ଗିରଫ ସମସ୍ତ ଅଭିଯୁକ୍ତ ଜାମିନରେ ମୁକୁଳି ସାରିଛନ୍ତି।

ସକାଳ THE SAKALA



**ବିଭିନ୍ନ ସ୍ଥାନରେ ବିଜେଡିର ପ୍ରତିଷ୍ଠା ଦିବସ**

# ‘ବିକାଶ ପାଇଁ ବିଜେଡି ସଂକଳ୍ପବଦ୍ଧ’

**ଛତ୍ରପୁର,୨୬।୧୨(ସମିସ):** ଛତ୍ରପୁର ନିର୍ବାଚନମଣ୍ଡଳୀ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗଣଦୌଡ଼, ରୋଗୀଙ୍କୁ ଫଳ ବଣ୍ଟନ, ଭିଡିଓ ପ୍ରଦର୍ଶନ, ସାଧାରଣ ସଭା ସହ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିକାଶର ନିରନ୍ତର ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ନୂଆ ପରିଚୟ ଦେଇଛନ୍ତି ବୋଲି ନିଜ ବକ୍ତବ୍ୟରେ ବିଧାୟକ ଶ୍ରୀ ବେହେରା କହିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପାରାଓ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ଗଞ୍ଜାମ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁରଥ ପ୍ରଧାନ ଓ ରଘୁନାଥ ସାହୁ, ଗଞ୍ଜାମ ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଗଞ୍ଜାମ ଏନଏସି ଉପାଧ୍ୟକ୍ଷ ସୁରେନ୍ଦ୍ର ବାରିକି, ପୂର୍ବତନ ସାଂସଦ ପ୍ରତିନିଧି ସୁଧୀର ପାଢ଼ୀ, ଯୁବ ବିଜେଡି ଛତ୍ରପୁର ବ୍ଲକ ସଭାପତି କାଳିଆ ନାହାକ, ଯୁବ ବିଜେଡି



ବ୍ଲକ ଉପସଭାପତି କାହ୍ନୁଚରଣ ବେହେରା, ଛତ୍ରପୁର ନଗର ବିଜେଡି ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, କାଉନସିଲର ଦେବାଶିଷ ମିଶ୍ର, ସନ୍ତୋଷି ସେଠୀ, ପ୍ରୀତିଛନ୍ଦା ସାମଲ, ଡି. ଇନ୍ଦୁ, ବି. ନିଶ୍ଚଳା ସ୍ୱାମୀ, ମମତା ପାତ୍ର, ସୁମନ୍ତ ନାହାକ, ଜିଲ୍ଲାପରିଷଦ ସଭ୍ୟା ରଶ୍ମିତା ନାହାକ ଓ ଛବିତା ବେହେରା, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ସରକାରୀ ଓକିଲ ଭୈରବୀ ପଟ୍ଟନାୟକ, ଉମିନାଥ ସାହୁ, କାଳୀପ୍ରସାଦ ଦାଶ, ଆଇନଜୀବୀ ସୀମାଞ୍ଚଳ ମହାପାତ୍ର ଓ ପ୍ରଶାନ୍ତ ଶତପଥି, ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଲିଙ୍ଗରାଜ ମହାପାତ୍ର, ଟିକିନା ଗୌଡ଼, ଶମ୍ଭୁନାଥ ସ୍ୱାଇଁ, ଶ୍ରୀରାମଚନ୍ଦ୍ରପୁର ସମିତି ସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ପୂର୍ବତନ କାଉନସିଲର କିଶୋର ଚନ୍ଦ୍ର ସେନାପତି, ଯୁବ ନେତା ଶହଦେବ ସାହୁ ଓ ଏନ. କାମରାଜୁ ରେଡ୍ଡୀ, କାମରାଜୁ ଖୁଣ୍ଟିଆଙ୍କ ସହ ନିର୍ବାଚନ ମଣ୍ଡଳୀର ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ଭଞ୍ଜନଗର

ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭଞ୍ଜନଗରରେ ଏକ ବିଶାଳ ଗଣ ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହାକୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଗଣ ଦୌଡ଼ ଥାନା ଛକରୁ ଆରମ୍ଭ ହୋଇ ମେନ ରୋଡ଼, ରେଡ଼କ୍ରସ ରୋଡ଼ ଦେଇ ଷ୍ଟେଟ ବ୍ୟାଙ୍କ ଛକ ଠାରେ ଶେଷ ହୋଇଥିଲା। ସେଠାରେ ଥିବା ଭଞ୍ଜ ମାଟିର ଗୌରବ



କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ଶ୍ରୀ ଆରୁଖ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଏନଏସି ସଭାପତି ରାଜେନ୍ଦ୍ର ବିଷୋୟୀ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ସାଂସଦ ପ୍ରତିନିଧି ପଞ୍ଚାନନ ପାଳ, ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ସାଂସଦ ପ୍ରତିନିଧି ଦିବାକର ନାୟକ, ପୂର୍ବତନ ଏନଏସି ଅଧ୍ୟକ୍ଷ ସୁଧୀର ରଞ୍ଜନ ବେହେରା, କୁଲୁ ଭୂୟାଁ, ଶୂଳପାଣି ଶତପଥୀ, ଶିବରାମ ସାହୁ, ସମସ୍ତ କାଉନସିଲର, ନେତୃବୃନ୍ଦ ଓ ବହୁ ବିଜେଡି ସମର୍ଥକ ଯୋଗ ଦେଇଥିଲେ।

## କୋଦଳା



କୋଦଳା ଏନଏସିସ୍ଥିତ ଦଣ୍ଡିଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଜେଡିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ବିଧାୟିକା ଲତିକା ପ୍ରଧାନ ଏଥିରେ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିବା ସହ ଦଳ ଗଠନ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ବେଗୁନିଆପଡ଼ା ବ୍ଲକ ଅଧ୍ୟକ୍ଷା ରେଣୁ ଗୌଡ଼, ଉପାଧ୍ୟକ୍ଷ ସୁଧାକର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ମଧୁମିତା ସାହୁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଗଜଲକ୍ଷ୍ମୀ ପଣ୍ଡା, ସମାଜସେବୀ ମହେଶ୍ୱର ବରାଡ଼, ବ୍ଲକ ବିଜେଡି ସଭାପତି ସୀମାଞ୍ଚଳ ସାମଲ, କବିସୂର୍ଯ୍ୟନଗର ଅଧ୍ୟକ୍ଷା ଏସ. ଲକ୍ଷ୍ମୀ, ସଭାପତି ଭଗବାନ ସ୍ୱାଇଁ, କୋଦଳା ନଗର ସଭାନେତ୍ରୀ ସୁଜାତା ପ୍ରଧାନ, ଯୁବ ସଭାପତି ସୁଦାମ ମହାନ୍ତି, ସମବାୟ ନିର୍ଦ୍ଦେଶକ ହୃଷିକେଶ ମେହେଣା, ପୀତବାସ ଭୂୟାଁଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ସମିତି ସଭ୍ୟ ସମେତ ୭ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ରଙ୍ଗେଇଲୁଣ୍ଡା

ଗୋପାଳପୁର ନିର୍ବାଚନମଣ୍ଡଳୀ କନିସି ହାଟରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଯୁବ, ମହିଳା ଓ ଛାତ୍ର ଉତ୍ସାହିତ ରକ୍ତଦାନ କରିଥିଲେ। ୮୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପରେ ଆୟୋଜିତ ସଭାରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ଶ୍ରୀ ପଣ୍ଡା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷ ସିଏଚ ଉଷା ରାଣୀ, ଜିଲ୍ଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ବ୍ଲକ ଉପାଧ୍ୟକ୍ଷା ଅନିତା ମାହାଙ୍କୁଡ, ୫୪ନଂ ଜିଲ୍ଲା ପରିଷଦ ସଭ୍ୟ



ଦୀପକ କୁମାର ସାମନ୍ତ ଓ ଅନ୍ୟ ମାନେ ଯୋଗ ଦେଇଥିଲେ। ବ୍ଲକ ସଭାପତି ଅଜିତ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବ୍ରହ୍ମପୁର ଡେପୁଟି ମେହର ବିବେକ ରେଡ଼ି, ଗୋପାଳପୁର ଏନଏସି ଚେୟାରମ୍ୟାନ ଏ ଜାନକୀ ରାମ, ରାଜ୍ୟ ମହିଳା ସାଧାରଣ ସମ୍ପାଦକ ଏମ ସୁଜାତା, ଯୁବ ନେତା ସନ୍ତୋଷ ପାତ୍ର, ୫୫ ଜିଲ୍ଲା ପରିଷଦ ସଭ୍ୟ ତୋଅପୋଇ ଦାସ, ରାଜ୍ୟ ସମବାୟ ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ନାୟକ, ଭାରତୀ ନାୟକ, ଜିଲ୍ଲା ଉପସଭାପତି ସିଏଚ. ଡ଼ିଲେଶ୍ୱର ରେଡ଼ି, ଯୁବ ନେତା ରାମ ହରି ପାତ୍ର, ବରିଷ୍ଠ ନେତା ଅଜୁ ନାୟକ, ବଇରୀ ପାତ୍ର, ଆପାନା ସେଠି, ସରପଞ୍ଚ ଦଣ୍ଡପାଣି ବେହେରା, ପ୍ରଶାନ୍ତ ଦାସ, ଦୁର୍ଯ୍ୟୋଧନ ରେଡ଼ି, ଆସନ୍ତୁଲୁ ରେଡ଼ି, ବ୍ଲକ ମହିଳା ସଭାପତି ମେନେକା ରେଡ଼ି, ସନ୍ତୋଷ ପ୍ରଧାନ, ବିଭୁତି ଭୂଷଣ ଲେଙ୍କା, ଯୁବ ସମିତି ସଭ୍ୟ କେ ପ୍ରବୀଣ କୁମାର, ଆଶିଷ ରାଉଳ, ବିନୋଦ କୁମାର ମାହାଙ୍କୁଡ, ପ୍ରତାପ ଚନ୍ଦ୍ର କୋଠିଆ ପ୍ରମୁଖ ଉପସ୍ଥିତ ଥିଲେ।

## ବେଲଗୁଣ୍ଠା

ବେଲଗୁଣ୍ଠାରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହାକୁ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ଆରମ୍ଭ କରିଥିଲେ। ବ୍ଲକ ବିଜେଡି ସଭାପତି ରାମେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଆସିକା ସାଂସଦ ପ୍ରମିଳା ବିଷୋୟୀ ଏବଂ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବେଲଗୁଣ୍ଠା ନଗରପାଳ ଫିରୋଜ ସେଠୀ, ନଗର ବିଜେଡି ସଭାପତି ତଥା ସାଂସଦ ପ୍ରତିନିଧି ରବୀନ୍ଦ୍ରନାଥ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଉମା ନାୟକ, ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ସୋରଡ଼ା ନଗରପାଳ ଶିବରାମ ପଣ୍ଡା, ସୋରଡ଼ା ବ୍ଲକ ଅଧ୍ୟକ୍ଷା ସାଇବାଣୀ ମଲ୍ଲିକ, ରାଜ୍ୟ ମହିଳା ସମ୍ପାଦିକା ସଂଘମିତ୍ରା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ବିଦ୍ୟାଧର ବିଷୋୟୀ, ୪୭ ନମ୍ବର ଜୋନ୍



ସଭାପତି ପ୍ରଦ୍ୟୁମ୍ନ ପାତ୍ର, ୪୮ ନମ୍ବର ଯୋନ ଜିଲାପରିଷଦ ପ୍ରାର୍ଥୀ ପଞ୍ଚାନନ ନାୟକ, ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ଗୌଡ଼, ସୀମାଞ୍ଚଳ ବିଷୋୟୀ, ପଞ୍ଚାନନ ପ୍ରଧାନ, ଜ୍ୟୋତିରଞ୍ଜନ ନାୟକ, ସରପଞ୍ଚ ଜୟରାମ ନାୟକ, ସୁପ୍ରଭା ଗୌଡ଼, ସାଂସଦ ପ୍ରତିନିଧି ସନ୍ତୋଷ ସ୍ୱାଇଁ, ସମିତିସଭ୍ୟ ବିଭୂପାଦ ଜେନା, ସୁଧାଂଶୁ ଶେଖର ପୋଲେଇ, ସମିତିସଭ୍ୟା ତଥା ମହିଳା ବ୍ଲକ ବିଜେଡି ସଭାପତି ମମତା ଭୋଳ, କାଉନସିଲର୍ ଭାସ୍କର ପାତ୍ର, ଦିବ୍ୟ ରଞ୍ଜନ ଦାଶ, ପ୍ରଦୀପ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରଙ୍କନିଧି ସାହୁ, ଯୁବନେତା ତୁଷାର ବିଷୋୟୀ, ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ନିର୍ଦ୍ଦେଶକ ସୁମନ୍ତ ବିଷୋୟୀ, ଆସିକା ଚିନି ଶିଳ୍ପ ସଭାପତି ରବୀନ୍ଦ୍ର ନାଥ ପଣ୍ଡା, ବରିଷ୍ଠ ବିଜେଡି ନେତା ଜିତେନ୍ଦ୍ର ସୁବୁଦ୍ଧିଙ୍କ ସମେତ ସୋରଡ଼ା ଏବଂ ବେଲଗୁଣ୍ଠା ଏନ୍ଏସିର ବହୁ କାଉନସିଲର୍, ଉଭୟ ବ୍ଲକର ସରପଞ୍ଚ, ସମିତିସଭ୍ୟ ମାନେ ଉପସ୍ଥିତ ଥିଲେ।

## ବୁଗୁଡ଼ା



ବୁଗୁଡ଼ା ବ୍ଲକ ଓ ଏନ୍ଏସି ବିଜେଡି ପକ୍ଷରୁ ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଏକ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ସବୁଜ ପତାକା ଦେଖାଇ ଉକ୍ତ ଗଣଦୌଡର ଶୁଭାରମ୍ଭ କରିଥିଲା ବେଳେ ତିନି ଜଣ ଲେଖାଏଁ କୃତି ଧାବକ ଏବଂ ଧାବିକାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଗୁଡିକରେ ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢ଼ୀ, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା ଓ ଏନ୍ଏସି ସଭାପତି କେ.ତ୍ରିଲୋଚନ ଦୋରା, ସମାଜସେବୀ ଆରତୀ ଦେବୀ, ସାଂସଦ ପ୍ରତିନିଧି ବସନ୍ତ ଦଳେଇ, କାଉନସିଲର ଆଶୁତୋଷ ବଡ଼େଇଙ୍କ ସମେତ ଦଳୀୟ କର୍ମକର୍ତ୍ତା ଏବଂ କର୍ମୀମାନେ ଯୋଗ ଦେଇଥିଲେ।

## କବିସୂର୍ଯ୍ୟନଗର



କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ପକ୍ଷରୁ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନଙ୍କ ନେତୃତ୍ୱରେ ବିଜେଡିର୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ବିପିନ ବିହାରୀ ଶତପଥୀ, ମହେଶ୍ୱର ଭୋଳ, ରଞ୍ଜନ ପୋଲାଇ, ସତ୍ୟବାନ ସାହୁ, ରସଲ ଦାସ, ବ୍ରଜେନ୍ଦ୍ର ପ୍ରଧାନ, ସୁନୀଲ କୁମାର ପୋଲାଇ, ଲକ୍ଷ୍ମୀପ୍ରିୟା ସାହୁ, ଏସ. ଲକ୍ଷ୍ମୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ଆସିକା

ଆସିକାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ୍ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜେଡି ନେତା ଭଗବାନ ସାହୁ, ଶିବ ନାହାକ, ଖାରିଆ ସରପଞ୍ଚ ଜୟନ୍ତୀ ସାହୁ, ବ୍ଲକ ଅଧ୍ୟକ୍ଷ ତ୍ରିବେଣୀ ନାହାକ, ଜିଲ୍ଲା ଉପସଭାପତି ଦିଲୀପ ପାଣିଗ୍ରାହୀ, ସମ୍ପାଦକ ଅଭିମନ୍ୟୁ ନାହାକ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ବ୍ଲକ ଅଧ୍ୟକ୍ଷ ଜୋର୍ତିମୟୀ ସ୍ୱାଇଁ, କୋଡିନେଟର ସୂର୍ଯ୍ୟକାନ୍ତ ପରିଡ଼ା, ସନ୍ତୋଷ ବେହେରା, ଜିତେନ୍ଦ୍ର ମହାରଣାଙ୍କ ସମେତ ବିଜୁ ଜନତା ଦଳର କର୍ମୀ, ଯୁବ, ସରପଞ୍ଚ, ସମିତି ସଭ୍ୟ ମାନେ ଉପସ୍ଥିତ ଥିଲେ।




## ସାନଖେମୁଣ୍ଡି



ସାନଖେମୁଣ୍ଡି ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ନେତୃତ୍ୱରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଧରକୋଟ ଅଧ୍ୟକ୍ଷା ସୁଶ୍ରୀ ଗୀତାଞ୍ଜଳି ଦେବୀ, ସାନଖେମୁଣ୍ଡି ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ଜିଲ୍ଲା ଉପସଭାପତି ରବୀନ୍ଦ୍ର ଘୋଷ, ମହିଳା ସଭାନେତ୍ରୀ ମହାଲକ୍ଷ୍ମୀ ଘୋଷ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ମାମନି ପାତ୍ର, ଧରାକୋଟ ବ୍ଲକ ସଭାପତି ସଞ୍ଜୟ ପାତ୍ର, ଯୁବ ବିଜେଡି ସଭାପତି ଲିଟୁ ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ।

## କୁକୁଡ଼ାଖଣ୍ଡି

କୁକଡ଼ାଖଣ୍ଡିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବିସିସି ସଭାପତି ଶିବ ରାମ ପାତ୍ର, ବ୍ଲକ ଉପାଧାକ୍ଷା ବିଷ୍ଣୁପ୍ରିୟା ପାତ୍ର, ପୂର୍ବତନ ବିଡିଏ ଅଧ୍ୟକ୍ଷ କୈଳାସ ରଣା, ବିଜେଡି କର୍ମୀ ସନାତନ ସଂଗ୍ରାମ ସିଂ, ଭିନ୍ନକ୍ଷମ ନେତା କେ ମଣି ବାବୁ ସମେତ ବହୁ ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ। କୁକୁଡାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟରେ ବିଜୁ ପ୍ରତିଷ୍ଠା ଦିବସ ଅବସରରେ ‘ଓଡ଼ିଶା-ମୋ ପରିବାର’ ‘ଜୀବନ ବିନ୍ଦୁ’ ଆନୁକୂଲ୍ୟ ତଥ ଓ କୁକୁଡାଖଣ୍ଡି ସରପଞ୍ଚ ବନ୍ଦନା ସେଠୀଙ୍କ ଅଧ୍ୟକ୍ଷତାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲ। ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବିପ୍ଳବ ପାତ୍ର ଉପସ୍ଥିତ ହୋଇ ଏହି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ସୀତାରାମ ସାହୁ, ଭବାନୀ ଶଙ୍କର ବିଶ୍ୱାଳ, ଦିଲୀପ ପାତ୍ର, ପ୍ରଗତି ଦଳାଇ, ଯୁବ ନେତା କେ ଅଭିନାଶ, ରୋଶନ, କେ ମଣି ବାବୁ, ସଞ୍ଜୟ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମାନେ ଉପସ୍ଥିତ ଥିଲେ।



## ପୋଲସରା

ପୋଲସରା ନିର୍ବାଚନ ମଣ୍ଡଳୀରେ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଦିବସ ଆୟୋଜିତ ହୋଇଥିଲା। ଅପରାହ୍ନରେ ପୋଲସରା ବସଷ୍ଟାଣ୍ଡରେ ଆୟୋଜିତ ସାଧାରଣ ସଭାରେ ବିଜେଡିକୁ ସୁଦୃଢ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଉକ୍ତ ବୈଠକରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ରନାଥ ପ୍ରଧାନ, ମଦନ ଗୋପାଳ ଦୋରା, ବ୍ଲକ ଅଧ୍ୟକ୍ଷା କଳ୍ପନା କୁମାରୀ ପ୍ରଧାନ, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ, ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡ଼ା, ମାନସ ରଞ୍ଜନ ପ୍ରଧାନ, ବୁଗୁଡ଼ା ନଗରପାଳ ଚିତ୍ରସେନ ପ୍ରଧାନ, ପୋଲସରା ନଗର ଅଧ୍ୟକ୍ଷା ସଙ୍ଗୀତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ଝୁନୁ ଦାସ, ବିକ୍ରମ କୁମାର ନାୟକ, ଗଙ୍ଗା



ପାଣି ଜେନା, ପ୍ରତିନିଧି ଟୁକୁନା ସ୍ୱାଇଁ, ଜିତେନ୍ଦ୍ର ନାୟକ, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ସାଂସଦ ପ୍ରତିନିଧି ପ୍ରତାପ କୁମାର ପ୍ରଧାନ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡ଼ି ସଭାପତି ସୁଶାନ୍ତ କୁମାର ପୋଲେଇ, ବ୍ଲକ ଯୁବ ବିଜେଡ଼ି ସଭାପତି ସିଲୁ ଦଳେଇ, ସୁକାନ୍ତ କୁମାର ଭୂୟାଁ, ଛାତ୍ର ବିଜେଡ଼ି ସଭାପତି ସମୀର ଭୂୟାଁ, ଜିଲ୍ଲା ମହିଳା ବିଜେଡି ଉପ ସଭାନେତ୍ରି କବିତା ସାହୁ, ନଗର ସଭାନେତ୍ରୀ କନକ ରାଉତ, ସମାଜସେବୀ ଆରତୀ ଦେବୀଙ୍କ ସମେତ ବିଜେଡିର ସମସ୍ତ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତା ଯୋଗଦେଇଥିଲେ।

ଖାଇବା ପ୍ଲେଟ୍ ଗୋଦାମରେ ଅଗ୍ନିକାଣ୍ଡ

# ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ

**ଛତ୍ରପୁର,୨୬ ।୧୨(ସମିସ):** ଛତ୍ରପୁର ଥାନା ଅନ୍ତର୍ଗତ ଲଣ୍ଡାବାଉଁଶ ଗ୍ରାମରେ ମଧ୍ୟାହ୍ନରେ ଏକ ଖାଇବା ପ୍ଲେଟ ଗୋଦାମରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି । ସୂଚନା ମୁତାବକ, ଗ୍ରାମରେ ଥିବା ଉପେନ୍ଦ୍ର ପଣ୍ଡାଙ୍କ ଖାଇବା ପ୍ଲେଟ ଗୋଦାମରେ ନିୟୋଜିତ କର୍ମଚାରୀମାନେ ମଧ୍ୟାହ୍ନରେ ଘରକୁ ଖାଇବାକୁ ଯାଇଥିଲେ । ଗୋଦାମ ଥିବା ମେସିନ ଅତ୍ୟଧିକ ଗରମ ହେବାରୁ ଖାଇବା ପ୍ଲେଟଗୁଡ଼ିକରେ କୌଣସି କାରଣବଶତଃ ନିଆଁ ଲାଗି ଯାଇଥିଲା । ଗୋଦାମ ଗୃହରୁ ବାହାରକୁ ଧୂଆଁ ଆସିବା ପରେ ଲୋକମାନେ ତୁରନ୍ତ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଖବର ପାଇ ଛତ୍ରପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ପରେ ପୁଣି ଛତ୍ରପୁରର ଆଉ ଗୋଟେ ଦମକଳ ଗାଡ଼ି ଏବଂ ପୁରୁଷୋତ୍ତମପୁରର ଦମକଳ ଗାଡ଼ି ଆସି ନିଆଁକୁ ଆୟତ୍ତ କରିବା କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ଏଥିରେ କେହି ଆହତ ହୋଇନଥିବା ବେଳେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି ।



ଜିଆର୍ଏସ୍‌ଙ୍କ ନିର୍ମମ ହତ୍ୟା ଘଟଣା

# ଆସାମୀର ଟେର୍ ପାଉନି ପୁଲିସ; ଭାଇ ଗିରଫ

**ବୁଗୁଡ଼ା,୨୬ ।୧୨(ସମିସ)**

ବୁଗୁଡ଼ା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବହୁ ଚର୍ଚ୍ଚିତ ଜିଆର୍ଏସ ହତ୍ୟା ଘଟଣାର ଦିର୍ଘ ଚାରି ଦିନ ବିତିଯାଇଥିଲେ ସୁଦ୍ଧା ପ୍ରକୃତ ହତ୍ୟାକାରୀ ଗିରଫ ହୋଇନଥିବା ବେଳେ ଅଭିଯୁକ୍ତର ଭାଇକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଘଟଣାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି । ସେପଟେ ସ୍ପଷ୍ଟ ଦିବାଲୋକରେ ହତ୍ୟାକାଣ୍ଡ ଘଟାଇ ଅନାୟାସରେ ଫେରାର ହେବାରେ ସଫଳ ହୋଇଛି ମୁଖ୍ୟ ଅଭିଯୁକ୍ତ । ଏପଟେ ପୁଲିସ ତା'ର ଭାଇକୁ ଗିରଫ କରି ବାହାବା ନେଉଥିବା ଘଟଣାକୁ ଲୋକେ ସହଜରେ ହଜମ କରିପାରୁନାହାନ୍ତି ।

ପ୍ରକାଶଯୋଗ୍ୟ ଯେ, ଗତ ୨୨ ତାରିଖ ପୂର୍ବାହ୍ନରେ ବୁଗୁଡ଼ା ବ୍ଲକ ଜିଆରଏସ ସୁକାନ୍ତ କୁମାର ପାଣିଗ୍ରାହୀ ବାଇକ୍ ଯୋଗେ ନିଜ ଗ୍ରାମ କଳମ୍ବରୁ ଅନ୍ତରପଡା ରାସ୍ତା ଦେଇ ବୁଗୁଡ଼ାକୁ ଆସୁଥିବା ବେଳେ ଜନୈକ ଦୁର୍ବୃତ୍ତ ଲିଫ୍ଟ ମାଗି ବାଇକ୍‌ରେ ବସି ଆସିବା ସହ ମାଣିକପୁର ଗାଁ ନିକଟ ରାସ୍ତାରେ ଏକ ଧାରୁଆ ଛୁରିରେ ସୁକାନ୍ତଙ୍କୁ ଘନଘନ ଆକ୍ରମଣ କରିଥିଲା । ଆକ୍ରମଣରେ ଗୁରୁତର ହୋଇ ସୁକାନ୍ତ ରାସ୍ତାରେ ପଡିଯିବା ପରେ ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଦୁର୍ବୃତ୍ତଙ୍କ ଛୁରାମାଡ଼ରେ ସୁକାନ୍ତଙ୍କ ଡାହାଣ ଜଂଘରେ ପାଞ୍ଚଟି ଓ ବାମ ଗୋଡ଼ରେ ତିନୋଟି ଏବଂ ବାମ ହାତରେ ଗୋଟିଏ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଖବରପାଇ ଘଟଣାସ୍ଥଳରେ ପୁଲିସ ଓ ଆମ୍ବୁଲାନ୍ସ ପହଞ୍ଚିବା ସହ ସୁକାନ୍ତଙ୍କୁ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା । ସୁକାନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର ବେଳେ ରାସ୍ତାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପୋଲସରା ମେଡିକାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ହତ୍ୟାକାଣ୍ଡକୁ ନେଇ ଜିଆରଏସ ସୁକାନ୍ତଙ୍କ ମାଆ ପ୍ରମିଳା ପାଣିଗ୍ରାହୀ କଳମ୍ବ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଗନ୍ତାୟତ ସ୍ୱାଇଁଙ୍କ ପୁଅ ରାଘବ ସ୍ୱାଇଁଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଘଟଣାରେ ପୁଲିସ ଅସଲ ଆସାମୀ ରାଘବ ସ୍ୱାଇଁକୁ ଧରିବାରେ ସକ୍ଷମ ହୋଇନଥିବା ବେଳେ ତା'ର ସାନ ଭାଇ ମିଥୁନ ସ୍ୱାଇଁକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି । ଅନ୍ୟପକ୍ଷରେ ଜିଆର୍ଏସ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଜଘନ୍ୟ ହତ୍ୟାକୁ ନେଇ ସ୍ଥାନୀୟ ବ୍ଲକ୍ ପ୍ରସାଶନିକ ଅଧିକାରୀଙ୍କ ପକ୍ଷରୁ ମଧ୍ୟ ବୁଗୁଡ଼ା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ଫେରାର ରାଘବକୁ ଗିରଫ କରିବାକୁ ପୁଲିସ ପକ୍ଷରୁ ତନାଘନା ଜାରି ରହିଥିବା ବେଳେ ହତ୍ୟାକାରୀ ସମ୍ପର୍କରେ ପୁଲିସ ପାଖରେ କୌଣସି ସୁରାକ ଲାଗିନଥିବା ଚିନ୍ତା ଓ ପରିତାପର ବିଷୟ ହୋଇଛି ।




# କଳିଙ୍ଗ ବୈଶ୍ୟ ସଂଘର ବାର୍ଷିକ ସାଧାରଣ ଅଧିବେଶନ



**ରମ୍ଭା,୨୬ ।୧୨(ସମିସ):** ସ୍ଥାନୀୟ ମିଞ୍ଜିଣିପାଟଣା ଛକ ପାଶ୍ୱର୍ସ୍ଥ କଲ୍ୟାଣ ମଣ୍ଡପ ପରିସରରେ ଖଲ୍ଲିକୋଟ ଅଞ୍ଚଳ କଳିଙ୍ଗ ବୈଶ୍ୟ ସଂଘର ୯୧ତମ ବାର୍ଷିକ ସାଧାରଣ ଅଧିବେଶନ ଏମ୍ ସତ୍ୟ ନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମାର୍ଦ୍ଧରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସଭ୍ୟ/ସଭ୍ୟାଙ୍କ ନାମ ପଞ୍ଜୀକରଣ, ପତାକା ଉତ୍ତୋଳନ, ଦ୍ୱୀପ ପ୍ରଜ୍ୱଳନ, ବେଦ ମନ୍ତ୍ର ଆଦି ହୋଇଥିଲା । ରମ୍ଭା ମହିଳା ସଂଘ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ୧୨ଗୋଟି ପେଣ୍ଠର ୬୮୦ ଅଇନୁଦାର ସଭାରେ ସାମିଲ ହୋଇଥିଲେ । ଟି. ନଗିନ କୁମାର ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିଭାବେ ମହାସଂଘ ସଭାପତି ଟି. କେଦାରନାଥ ସୁବୁଦ୍ଧି, ସମ୍ପାଦକ ବୃନ୍ଦାବନ ଚନ୍ଦ୍ର ପାତ୍ର, ଯୁଗ୍ମ ସମ୍ପାଦକ କେ. କୃଷ୍ଣଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଭି. ବାଳକୃଷ୍ଣ ରାଜୁ, ସୁବାସ ଚନ୍ଦ୍ର ପାତ୍ର, ଗୋପାଳ କୃଷ୍ଣ ସେନାପତି, ଏସ. ତ୍ରିନାଥ ପାତ୍ର, ଏନ ତ୍ରିପତି ବାଲାଜି ଚୌଧୁରୀ, ଟି ମାଲେଶ୍ୱର ପାତ୍ର, ଏନ ନରସିଂହ ସୁବୁଦ୍ଧି ପ୍ରମୁଖ ମଞ୍ଚାସିନ ଥିଲେ । ତତ୍‌ସହିତ ଖଲ୍ଲିକୋଟ ଅଂଚଳ କଳିଙ୍ଗ ବୈଶ୍ୟ ମହିଳା ସଂଘ ସଭାପତି ଟି ସବିତା ସେନାପତି, ଟି ବେଦମତି ସେନାପତି, ଶଙ୍କର ନାରାୟଣ ସୁବୁଦ୍ଧି, ସୁଶାନ୍ତ କୁମାର ସେନାପତି, ଲକ୍ଷ୍ମୀ ପ୍ରସାଦ ସେନାପତି, ଟି ଦିଲ୍ଲୀପ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ସଭାରେ ସାମୂହିକ ଭାବେ ମା କନ୍ୟକା ପରମେଶ୍ୱରୀଙ୍କ ମନ୍ଦିର ପୂର୍ଣାଙ୍ଗ ସମ୍ବନ୍ଧରେ ଆଲୋଚନା, ସାଂଗଠନିକ ସ୍ଥିତି, ଜାତିର ଉନ୍ନତି, ଆଗାମୀ ବର୍ଷ ବୈଠକ ପାଇଁ ପ୍ରସ୍ତାବ ଗୃହୀତ ସହିତ ଅନେକ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ ପୂର୍ବରୁ ୫୫ଜଣ ପଦ/ପଦାଧିକାରୀ ମାନଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରସାଦ ରାଓ ପୃଷ୍ଟି, ଟି ମହେନ୍ଦ୍ର କୁମାର ସେନାପତି ସଭା ପରିଚାଳନାରେ ସହଯୋଗ କରିଥିଲେ । ଟି ନାଗେଶ୍ୱର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ । ଏ ଅବସରରେ ସୁଶ୍ରୀ ଡ଼ିମ୍ପଲ ପାତ୍ର, ଅଙ୍କିତା ପୃଷ୍ଟି, ପ୍ରତିଭା ସୁବୁଦ୍ଧି, ସାଧନା ପାତ୍ର ପ୍ରମୁଖ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ ।

ମାଳତେନ୍ତୁଳିଆରେ ଦୁର୍ନୀତି ଅଭିଯୋଗ

# ବିଡିଓଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ



**ପୋଲସରା,୨୬ ।୧୨(ସମିସ):** ମାଳ ତେନ୍ତୁଳିଆ ପଞ୍ଚାୟତରେ ମହାଦୁର୍ନୀତି ହେଉଥିବା ନେଇ ମଙ୍ଗଳବାର ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ପୋଲସରା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ପଞ୍ଚାୟତକୁ ଆସିଥିବା ସି.ଏଫ୍.ସି ଓ ଏସ୍.ଏଫ୍.ସି ଫଣ୍ଡକୁ ସରକାରଙ୍କ କାର୍ଯ୍ୟଖସଡ଼ା ରୂପେ ବିନିଯୋଗ ନକରି ଫଲ୍ସବିଲ୍ ମାଧ୍ୟମରେ ପଞ୍ଚାୟତର ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରାଯାଉଛି । ପଞ୍ଚାୟତର ଗୋଦାମ ଗୃହକୁ ବିନା ନିଲାମରେ ଅନ୍ୟ ଲୋକଙ୍କୁ ଦୋକାନ କରିବାକୁ ଭଡ଼ା ସୂତ୍ରରେ ଦିଆଯାଇଛି । ମନେରେଗା କାମକୁ ସଠିକ୍ ଭାବେ କାର୍ଯ୍ୟ ନକରି ଫର୍ଜରି ଡିମାଣ୍ଡ କରି ଅର୍ଥ ଆତ୍ମସାତ କରୁଥିବା ଏଠାରେ କୁହାଯାଇଛି । ଏପରିକି ଗୁଜରାଟ ସହରରେ ସୂତାକଳରେ କାର୍ଯ୍ୟ କରୁଥିବା କିଛି ଶ୍ରମିକମାନଙ୍କ ବିନା ଅଗୋଚରରେ ତାଙ୍କ ନାମରେ ଡିମାଣ୍ଡ କରି ସରପଞ୍ଚ ଓ ବିଭାଗୀୟ ଅଧିକାରୀମାନେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରୁଥିବା ନେଇ ରବୀନ୍ଦ୍ର କୁମାର ପାଣିଗ୍ରାହୀ, ଗୌରହରି ପ୍ରଧାନ, ଗଣେଶ ନାହାକ, ସୁଶାନ୍ତ ପ୍ରଧାନ, କାଳୁ ପ୍ରଧାନ, ଚିତ୍ରସେନ ପ୍ରଧାନ, ବୁଲୁ ନାହାକ, ଇନ୍ଦ୍ରଜିତ୍ ବିଷୋୟୀ, ନରେନ୍ଦ୍ର ପ୍ରଧାନ, ଯୋଗେନ୍ଦ୍ର ପ୍ରଧାନ, ଭାଗ୍ୟଲତା ନାହାକ, ରିନା ମହାପାତ୍ରଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଅଭିଯୋଗ କରିଥିଲେ ।

# ଚମାଖଣ୍ଡିରେ ସିପିଆଇର ପ୍ରତିଷ୍ଠା ଦିବସ

**ଛତ୍ରପୁର,୨୬ ।୧୨(ସମିସ):** ଚମାଖଣ୍ଡିସ୍ଥିତ କାର୍ଯ୍ୟାଳୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଆଞ୍ଚଳିକ ପରିଷଦ ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ନାରୀନେତ୍ରୀ ଏନ ଭାନୁମତି ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପତାକା ଚାଷୀ ନେତା ସିଏଚ ସତ୍ୟ ନାରାୟଣ ରେଡ୍ଡୀ ଉତ୍ତୋଳନ କରିଥିଲେ । ଏ ଅବସରରେ ସିପିଆଇ ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ଜୋନାଲ ସମ୍ପାଦକ ସିଏଚ ଜନାର୍ଦ୍ଦନ ରେଡ୍ଡୀ, ସହ-ସମ୍ପାଦକ ଏନ ଗିରିଜା ପ୍ରସାଦ ରେଡ୍ଡୀ ଓ ଗୁରୁନାଥ ପ୍ରଧାନ, କୋଷାଧ୍ୟକ୍ଷ ମାଗୁଣି ବିଷୋୟୀ, ଡ. ଦୁର୍ଯ୍ୟୋଧନ ପ୍ରଧାନ, କେଶବ ବେହେରା, ସିଏଚ ସତ୍ୟ ନାରାୟଣ ରେଡ୍ଡୀ, କେ. ଗଣେଶ ରେଡ୍ଡୀ, ଏନ. ମୁନା ପାତ୍ର, ଦୁର୍ଯ୍ୟୋଧନ ନାହାକ, ଦଣ୍ଡାସି ପାତ୍ର, ଏନ ପାଣ୍ଡେୟା ରେଡ୍ଡୀ, ଶରତ ନାହାକ, ଗୋବିନ୍ଦ ନାୟକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଯୋଗଦେଇ ପାର୍ଟିର ଗୁଣଗାନ କରିଥିଲେ ।




# 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଧରାକୋଟ,୨୬ ।୧୨(ସମିସ):** ଧରାକୋଟସ୍ଥିତ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ୪ଦିନ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ, ସାମାଜିକ ସଚେତନତା, କ୍ରିଡ଼ା ଆଦି ପ୍ରତିଯୋଗିତା ହୋଇଥିଲା । ଅନ୍ତିମ ଦିବସର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ମୁଖ୍ୟବକ୍ତା ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ସୁଶାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ଯୋଗ ଦେଇଥିଲେ । ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ନୋଡାଲ ଅଧିକାରୀ ବଳରାମ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ୪୫୦ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିବା ବେଳେ ୧୦୩ଜଣ ଛାତ୍ର ଛାତ୍ରୀଙ୍କୁ ମେଡାଲ ସହ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ସରକାରଙ୍କ ପଦକ୍ଷେପକୁ ମଞ୍ଚାସୀନ ଅତିଥି ମାନେ ପ୍ରସଂଶା କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପିକା ରାଜଶ୍ରୀ ବେହେରା, ପ୍ରୀତିମୟୀ କର, କ୍ରୀଡା ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଦାସ, ଗୋପାଳ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ଅନୁସୂଚିତ ଜାତି ଓ ଜନଜାତି ସଂଗଠନ ପକ୍ଷରୁ ଦାବିପତ୍ର



**ଛତ୍ରପୁର,୨୬ ।୧୨(ସମିସ):** ଅନୁସୂଚିତ ଜାତି / ଜନଜାତି ଲୋକଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି । ଅନୁସୂଚିତ ଜାତି / ଜନଜାତିଙ୍କ ଆର୍ଥୀକ ଅଭିବୃଦ୍ଧି ନିମନ୍ତେ ପ୍ରୟାସ ଜାରି ରହିଛ । ହେଲେ, ଜିଲ୍ଲାର ବ୍ୟାଙ୍କ ଗୁଡିକରେ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ ହେଉଛି । ଏମଏସଏମଇର କୃଷି ବିଭାଗ, ଉଦ୍ୟାନ ବିଭାଗର କିଛି କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଅନୁସୂଚିତ ଜାତି ଓ ଜନଜାତି ଲୋକେ ସରକାରଙ୍କ ଯୋଜନାର ସୁଫଳ ପାଇ ପାରୁନାହାଁନ୍ତି । ଏନେଇ ମଙ୍ଗଳବାର ଓଡିଶା ଅନୁସୂଚିତ ଜାତି/ଜନଜାତି ସଂଗଠନର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି । ବ୍ୟାଙ୍କ ଅଧିକାରୀମାନେ ସେମାନଙ୍କୁ ଋଣ ପ୍ରଦାନ କରୁନଥିବାରୁ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଏହା ବାଧା ସୃଷ୍ଟି କରୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଦାବି ଗୁଡିକର ତୁରନ୍ତ ସମାଧାନ କରିବା ନିମନ୍ତେ ସେମାନେ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଦାବି ପତ୍ର ପ୍ରଦାନ ବେଳେ ଓଡିଶା ଅନୁସୂଚିତ ଜାତି/ଜନଜାତି ସଂଗଠନର ଗଞ୍ଜାମ ଜିଲ୍ଲା ଶାଖାର ସଭାପତି ମୃତ୍ୟୁଞ୍ଜୟ ବେହେରା, ସମ୍ପାଦକ ସୁଦାମ ବେହେରା, କୈଳାଶ ଚନ୍ଦ୍ର ବେହେରା, ସରସ୍ୱତୀ ପ୍ରଧାନ, ଜଗନ୍ନାଥ ପ୍ରଧାନ, ପ୍ରଦୀପ ପ୍ରଧାନ, ଅଶୋକ ଦାଶ, କାଳୁ ଚରଣ ନାୟକ, ମାଧୁରୀ ନାୟକ, ଦୁର୍ଗା ମାଧବ ନାୟକ, ଭାରତୀ ନାୟକ, ବୁଲୁ ନାହାକ, ଲକ୍ଷ୍ମୀ ଦାସ, ଜଗନ୍ନାଥ ପ୍ରଧାନଓ ବିଧାନ ନାୟକଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ହିଞ୍ଜିଳିକାଟୁରେ 'ଆମ ଶୁଭଶଙ୍ଖ' ଉନ୍ମୋଚିତ



**ହିଞ୍ଜିଳିକାଟୁ,୨୬ ।୧୨(ସମିସ):** ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ସରକାରୀ ବୃନ୍ଦାବନ ଉଚ୍ଚ ବିଦ୍ୟାଳୟ ସଭଗୃହରେ ଶାଶ୍ୱତ ସାହିତ୍ୟ ସଂସଦ, ଆସିକା ତରଫରୁ ପ୍ରକାଶିତ ତ୍ରୈମାସିକ ସାହିତ୍ୟ ପତ୍ରିକା "ଆମ ଶୁଭଶଙ୍ଖ" ଉନ୍ମୋଚନ ଉତ୍ସବ ଓ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । "ଆମ ଶୁଭଶଙ୍ଖ' ପତ୍ରିକାର ସମ୍ପାଦକ ରାଜୀବ ଲୋଚନ ପାଣିଗ୍ରାହୀଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଓଡ଼ିଶା ନାଟକ ଏକାଡେମୀ ଗଞ୍ଜାମ ଜିଲ୍ଲା ସଦସ୍ୟ ଇଂ. ଅନିଲ କୁମାର ପାତ୍ର ଉଦଘାଟନ କରିଥିଲେ । ପରେ ଆୟୋଜିତ କବିତା ଆସରରେ ଚାଳିଶ ଜଣ କବି କବିତା ପାଠ କରିଥିଲେ । ଆସିକା ଏନଏସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କବି ପ୍ରସନ୍ନ କୁମାର ସାହୁ, ଭଞ୍ଜନଗରର କବି ପ୍ରଶାନ୍ତ କୁମାର ମହାନ୍ତି, ଆସିକା ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ଼. ଅଜିତ କୁମାର ମୁନୀ, ପ୍ରାକ୍ତନ କଲେଜ ଅଧ୍ୟକ୍ଷ୍ୟ ଅରବିନ୍ଦ ପଣ୍ଡା, ଶିକ୍ଷାବିତ ପ୍ରଶାନ୍ତ କୁମାର ପଟ୍ଟନାୟକ, ହରିହର ଚୌଧୁରୀ, କବି ଭାସ୍କର ରାଉତ ଓ ସିମାଞ୍ଚଳ ପଣ୍ଡା ଅତିଥି ରୂପେ ମଞ୍ଚାସିନ ଥିଲେ । ଚିନ୍ମୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ସମ୍ପାଦକ ଶ୍ରୀ ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ଚିନ୍ମୟ ପୋଲାଇ ଓ ବୁଲୁ ବେହେରା ସଂଯୋଜନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ପଣ୍ଡିତ ଧନ୍ୟବାଦ ଦେଇଥିଲେ ।

# ବିଜେଡି ପ୍ରତିଷ୍ଠା ଦିବସ ପାଳିତ



**ଦିଗପହଣ୍ଡି,୨୬ ।୧୨(ସମିସ):** ବିଜୁ ଜନତା ଦଳ ଦିଗପହଣ୍ଡି ବ୍ଲକ ଓ ଏନ୍ଏସି କମିଟି ପକ୍ଷରୁ ଗୋକର୍ଣ୍ଣପୁର ଗ୍ରାମରେ ୨୭ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେଡି ବ୍ଲକ କମିଟି ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନଙ୍କ ସଂଯୋଜନା କରିଥିଲେ । ସଭାରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଦିଗପହଣ୍ଡି ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ଦିଗପହଣ୍ଡି ଏନ୍ ଏ ସି ର ପୂର୍ବତନ ନଗରପାଳ ଭି . ରବିନାରାୟଣ ରାଜୁ, ବିଜେଡି ଗଞ୍ଜାମ ଜିଲ୍ଲା ଉପସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧି, ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, ପୂର୍ବତନ ନଗରପାଳ ହୃଦୟ ରଞ୍ଜନ ମେକାପ, ବ୍ରହ୍ମପୁର ସାଂସଦ ପ୍ରତିନିଧି ନିରୁପମା ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ, ସଂଯୁକ୍ତା କବି, ନଗର ବିଜେଡି ସଭାନେତ୍ରୀ ଅନୀତା ବେହେରା, ବ୍ଲକ ବିଜେଡି ସଭାନେତ୍ରୀ ଉମା ମହେଶ୍ୱରୀ ସେଠୀ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ସେଠୀ, ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ରଞ୍ଜନ କୁମାର ସାହୁ, ଗୀତାଞ୍ଜଳୀ ଜାନି, ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ଶିଶିର ପ୍ରଧାନ, ଶ୍ୟାମ ନାୟକଙ୍କ ସମେତ ବହୁ ସଂଖ୍ୟକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସମନ୍ୱିତ ଯୁବ ବିକାଶ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



**ବୁଗୁଡ଼ା,୨୬ ।୧୨(ସମିସ):** ସ୍ଥାନୀୟ ଶ୍ରୀ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମରେ ଆୟୋଜିତ ସମନ୍ୱିତ ଯୁବ ବିକାଶ କ୍ରୀଡା ଉତ୍ସବର ଶୁଭ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କ୍ରୀଡାବିତ୍ ଦୁର୍ଗା ପ୍ରସାଦ ଦାଶ ଓ ମିଡିଆ କ୍ଲବ ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ନୋଡାଲ ଅଫିସର ଅଧ୍ୟାପକ ବିଭୂତି ଭୂଷଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଚର୍ତୁଦିବସୀୟ କ୍ରୀଡା ଉତ୍ସବର ଉଦଘାଟନୀ ଦିବସରେ ଛାତ୍ରୀମାନଙ୍କ ମଧ୍ୟରେ ୧୦୦ ଓ ୨୦୦ ମିଟର ଦୌଡ , ସଟପୁଟ୍ ଓ ଡିସକସ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । କ୍ରୀଡା ଶିକ୍ଷକ ସତ୍ୟଶ୍ରୀ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତା ଗୁଡିକୁ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଗୋପାଳ ଚନ୍ଦ୍ର ପାତ୍ର, ଅଧ୍ୟାପିକା ନିରୁପମା ରାୟ ମହାପାତ୍ର, ଅଧ୍ୟାପକ ପ୍ରଭାକର ଡ଼ାକୁଆ ଓ ସନାତନ ବେହେରୁକ, ଡେମୋନଷ୍ଟ୍ରେଟର୍ କଳ୍ପନା ପଣ୍ଡା, କ୍ରୀଡା ଶିକ୍ଷକ ବିଭୁ ପ୍ରସାଦ ନନ୍ଦ, ସନ୍ତୋଷ ଗୌଡ ପ୍ରମୁଖ ପରିଚାଳନା କରିଥିଲେ ।

# ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

**ବେଲଗୁଣ୍ଠା,୨୬ ।୧୨(ସମିସ):** ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନଏସଏସ) ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଅଧ୍ୟାପକ ଡ. ଗୁରୁମୂର୍ତ୍ତୀ ନାୟକଙ୍କ ପୌରୋହିତ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଶିବିରରେ କାର୍ଯ୍ୟକ୍ରମ ଅଧିକାରୀ ସପନ କୁମାର ପ୍ରଧାନଙ୍କ ଆବାହକତ୍ୱରେ ୫୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ସ୍ୱତନ୍ତ୍ର ସେବା ଶିବିରର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ତନରଡା ସରପଞ୍ଚ ପ୍ରତିନିଧି ଅନୀଲ୍ କୁମାର ପାଠୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ଅଶୋକ କୁମାର ପ୍ରଧାନ, ସୀମା ସାମଲ ଏବଂ ଯୁବ ସାମ୍ବାଦିକ ଶିବରାମ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ସପନ କୁମାର ପ୍ରଧାନ ସାତଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସ୍ୱତନ୍ତ୍ର ସେବା ଶିବିରର କାର୍ଯ୍ୟ ଖସଡ଼ାର ସୂଚନା ଦେବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ ।




# ଗଞ୍ଜାମ ଜିଲ୍ଲାକୁ ମରୁଡ଼ି ଘୋଷଣା ସହ ସହାୟତା ପ୍ରଦାନ ଦାବି

## ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

**ଛତ୍ରପୁର,୨୬ ।୧୨(ସମିସ)**

ଗଞ୍ଜାମ ଜିଲ୍ଲାକୁ ମରୁଡି ଘୋଷଣା କରି ସହାୟତା ପ୍ରଦାନ କରିବା ନିମନ୍ତେ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବି ହୋଇଛି । ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଚଳିତବର୍ଷ ବର୍ଷା ଅଭାବରୁ ଅଧିକାଂଶ ବ୍ଲକରେ ମରୁଡ଼ି ହୋଇଛି । ଏଣୁ ମରୁଡି କ୍ଷତିଗ୍ରସ୍ତ ଅଂଚଳକୁ ଚିହ୍ନଟ କରି ମରୁଡି ଘୋଷଣା କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେଇ କୃଷି ଋଣ ଛାଡ କରିବାକୁ ସଭା ଦାବି କରିଛି । ଜିଲ୍ଲାରେ ମାତ୍ର ୫୦ଭାଗ ଜମିକୁ ଜଳସେଚନର ବ୍ୟବସ୍ଥା ଥିବାରୁ ଦୋ ଫସଲି ଚାଷ ହୋଇପାରୁନି । ଏଣୁ ଜଳସେଚନ ଉନ୍ନୟନ ପରିଷଦ/ଜଳସେଚନ ମିଶନ ଗଠନ କରିବା, ସେଟେଲମେଣ୍ଟ କ୍ୟାମ୍ପ କରିବା, ପ୍ରତି ପଂଚାୟତରେ କ୍ୟାମ୍ପ କରି ଜମି ରେକର୍ଡ ସଂଶୋଧନ କରିବା, ଭାଗ ଚାଷୀଙ୍କୁ ପ୍ରକୃତ ଚାଷୀର ମାନ୍ୟତା ଦେବା, ବନ୍ୟଜନ୍ତୁଙ୍କ ପ୍ରାର୍ଦୁଭାବରୁ ଫସଲକୁ ସୁରକ୍ଷା ଦେବା ଆଦି ବିଭିନ୍ନ ଦାବି କରାଯାଇଛି । ପ୍ରତି ପଂଚାୟତରେ କୃଷି ସହାୟତା କେନ୍ଦ୍ର ଖୋଲି ବିହନ, ଜୈବିକ ସାର, ଔଷଧ, କୃଷି ଯନ୍ତ୍ରପାତି ରିହାତିରେ ଦେବା ସଙ୍ଗେ ସଙ୍ଗେ ଚାଷୀଙ୍କ ଆଦାୟର ମାର୍କେଟିଂର ସୁବିଧା ପାଇଁ ଗୋଦାମ ସହ ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଜରିଆରେ କଲେ ଚାଷୀ ଉପକୃତ ମୁଲ୍ୟ ପାଇପାରିବେ ବୋଲି କୁହାଯାଇଛି । ରବି ଫସଲ ପାଇଁ ସମସ୍ତ ଉଠାଜଳ ସେଚନ ପ୍ରକଳ୍ପ, ମେଗା ପ୍ରକଳ୍ପ ଓ ବୋରୱେଲେ ଗୁଡିକ କାର୍ଯ୍ୟକ୍ଷମ କରିବା ସଙ୍ଗେ ସଙ୍ଗେ ଚାଷୀଙ୍କୁ ଚିନାବାଦାମ, ଲଙ୍କା ମରିଚ, ମୁଗ, ବିରି, କୋଳଥ, ହରଡ, ପନିପରିବା ବିହନ, ଜୈବିକ ସାର ରିହାତିରେ ଯୋଗାଇ ଦେବାକୁ ମଧ୍ୟ ଦାବି କରାଯାଇଛି । ଜିଲ୍ଲାରେ ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଧାନ ସରକାରୀ ଦରରେ କିଣାଯିବା ସହ କଟିନୀ ଛଟନୀକୁ ବନ୍ଦ କରିବା, ଚାଷୀଙ୍କ ଅଖା ଓ ଗାଡି ଭଡା ଟଙ୍କା ଦେବା, ପ୍ରତି ଗ୍ରାମକୁ ଏକ ୟୁନିଟ୍ ଭାବେ ଘୋଷଣା କରି ପ୍ରତି ଚାଷୀର କ୍ଷତିଗ୍ରସ୍ତ ଜମିକୁ ସର୍ଭେ କରି ଫସଲ ବୀମା ସହାୟତା ପ୍ରଦାନ କରିବା, ମରୁଡି କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା କ୍ଷତିପୂରଣ ବାବଦକୁ ୨୦ ହଜାର ଟଙ୍କା ପ୍ରଦାନ କରିଯିବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଏନେଇ ମହାସଭାର ସମ୍ପାଦକ ସିମାଂଚଳ ନାହାକ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି

## ବିଭିନ୍ନ ସ୍ଥାନରେ ବିଜେଡି ପ୍ରତିଷ୍ଠା ଦିବସ

# 'ଓଡ଼ିଶାର ବିକାଶ ପାଇଁ ଲଢୁଛି ବିଜେଡି'


ପାରଳାଖେମୁଣ୍ଡି


ଜି.ଉଦୟଗିରି


ଦାରିଙ୍ଗବାଡ଼ି


ବାଲିଗୁଡ଼ା


ମୋହନା

**ପାରଳାଖେମୁଣ୍ଡି, ୨୬ ।୧୨(ସମିସ)**

ଗଜପତି ଜିଲ୍ଲାରେ ବିଜେଡି ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପାରଳା ସହରର ହାଇସ୍କୁଲ ଛକ ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳ ତରଫରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ଶଷିଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ସେହିପରି ଗଜପତି ଷ୍ଟାଡିୟମ ଠାରେ ଆୟୋଜିତ ହୋଇଥିବା ରକ୍ତଦାନ ଶିବିରକୁ ସାଂସଦ ଶ୍ରୀ ସାହୁ ଉଦଘାଟନ କରିଥିଲେ । ଏହାପରେ ଗଜପତି ଷ୍ଟାଡିୟମଠାରେ ଆୟୋଜିତ ବିଶାଳ ଜନସମାବେସରେ ସାଂସଦ ଶ୍ରୀ ସାହୁ, ପର୍ଯ୍ୟବେକ୍ଷକ ଶ୍ରୀ ମହାନ୍ତି, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଜିଲ୍ଲା ଯୁବ ସଭାପତି ଏସ୍. ଲିଙ୍ଗରାଜୁ, ପାରଳା ପୌରାଧ୍ୟକ୍ଷା ନିର୍ମଳା ସେଠୀ, କାଶୀନଗର ଏନ୍ଏସି ଅଧ୍ୟକ୍ଷା ଏମ୍. ସୁଧାରାଣୀ, ପାରଳାଖେମୁଣ୍ଡି ରାଜକୁମାରୀ କଲ୍ୟାଣୀ ଗଜପତି, ରାଜ୍ୟ ସମ୍ପାଦକ ବସନ୍ତ ଦାସ ଓ ପ୍ରଦୀପ କୁମାର ନାୟକ, ଡ.ତିରୁପତି ପାଣିଗ୍ରାହୀ, ରୂପେଶ ପାଣିଗ୍ରାହୀ ପ୍ରମୁଖଙ୍କ ସହ ସମସ୍ତ ବ୍ଲକ ପାରଳା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ବ୍ଲକର ଅଧ୍ୟକ୍ଷ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ମଞ୍ଚାସୀନ ଥିଲେ । ସମସ୍ତ କାର୍ଯ୍ୟକ୍ରମ ପାରଳା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ଶଷିଭୂଷଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ହୋଇଥିଲା ।

**ଜି.ଉଦୟଗିରି:** ସ୍ଥାନୀୟ ଶ୍ରୀରାମପଦା ସ୍ଥିତ ମିନି ଷ୍ଟାଡି ୟମ ପଡ଼ିଆରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ଡଃ. ଅଚ୍ୟୁତ ସାମନ୍ତ ଯୋଗ ଦେଇଥିଲେ । ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ଜିଲ୍ଲା ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରିତମ ପ୍ରଧାନ, ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ କହଁର, ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥି, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ପ୍ରଦୀପ ପ୍ରଧାନ, ବ୍ଲକ ସଭାପତି ଲିଙ୍ଗରାଜ କହଁର, ବ୍ଲକ କାର୍ଯ୍ୟକାରୀ ସଭାପତି ଉଦୟ ନାୟକ, ନଗର ସଭାପତି ଗୋପାଳକୃଷ୍ଣ ମହାପାତ୍ର, ପୂର୍ବତନ ଏନଏସି ଅଧ୍ୟକ୍ଷ ପି.ସଞ୍ଜୀବ କୁମାର ପାତ୍ର, ନଗର କାର୍ଯ୍ୟକାରୀ ସଭାପତି ଅନିଲ କୁମାର ଦଳବେହେରାଙ୍କ ସହିତ ମିଥୁନ ଦିଗାଳ, ବ୍ରହ୍ମାନନ୍ଦ ସାହୁ, କୃତାଞ୍ଜଳୀ ନାୟକ, ସମସ୍ତ କାଉନ ସିଲର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ ।

**ଦାରିଙ୍ଗବାଡ଼ି:** ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ କ୍ଲେଶ ପ୍ରଧାନଙ୍କ ନେତୃତ୍ୱରେ ମିଶ୍ର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, ବ୍ଲକ ସଭାପତି ଜ୍ୟୋତିରାଜ ପ୍ରଧାନ, ମହିଳା ସଭାନେତ୍ରୀ ରଞ୍ଜିତା ପ୍ରଧାନ, ବିଧାୟକ ପ୍ରତିନିଧି ଦୀପକ ସାହୁ, ସାଂସଦ ପ୍ରତିନିଧି ଅକ୍ଷୟ ନାୟକ, ଛାତ୍ର ସଭାପତି ରୂପକ ସାହୁ, ଜିଲ୍ଲା ସମ୍ପାଦକ ବାବୁନି ପଣ୍ଡା, ଜିଲ୍ଲା ଉପ ସଭାପତି ଧର୍ମେନ୍ଦ୍ର ପ୍ରଧାନ ସମେତ ହଜାର ହଜାର ସଂଖ୍ୟାରେ ବିଜେଡି ନେତା ଓ କର୍ମୀ ଯୋଗଦେଇଥିଲେ । ଟିଡିସିସିଓଏଲର ରାଜ୍ୟ ଉପସଭାପତି ଦିଲିପ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ ।

**ବାଲିଗୁଡା:** ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ମହାସିଙ୍ଗ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦଙ୍କ ବାଲିଗୁଡା ପ୍ରତିନିଧି ଟୁନା ଦାସଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ସାଂସଦ ଡଃ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ପ୍ରତିଷ୍ଠା ଦିବସ ଅବସରରେ କନ୍ଧମାଳ ସାଂସଦ ଡଃ. ସାମନ୍ତଙ୍କ ଉପସ୍ଥିତିରେ ହଜାରରୁ ଉର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ । ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ବାଲିଗୁଡା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଅଜୟ ମହାରଣା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଳିକ, ତୁମୁଡିବନ୍ଧ ବ୍ଲକ ସଭାପତି ପ୍ରମୋଦ ସାହୁ, କୋଟଗଡ଼ ବ୍ଲକ ସଭାପତି ଷ୍ଟିଫେନ ପ୍ରଧାନ, କ ନୂଆଗାଁ ବ୍ଲକ ସଭାପତି ଭାଗ୍ୟବାନ ବେହେରା, କ ନୂଆଗାଁ ସାଂସଦ ପ୍ରତିନିଧି ସହଦେବ ପାତ୍ର କୋଟଗଡ଼ ସାଂସଦ ପ୍ରତିନିଧି ମନୋଜ ସାବତ, ଏନଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ବାଲିଗୁଡା ନଗର ସଭାପତି ଅବନୀକାନ୍ତ ନାୟକଙ୍କ ସମେତ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

**ମୋହନା:** ବିଜେଡିର ପ୍ରତିଷ୍ଠା ଦିବସ ଉପଲକ୍ଷେ ମୋହନା ଏବଂ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଜିଲ୍ଲା ସଭାପତି ଜଗବନ୍ଧୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋହନା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ପୃଥ୍ୱୀରାଜ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପସଭାପତି ଦଣ୍ଡାସି ସାହୁ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ପୂର୍ଣ୍ଣବାସୀ ନାୟକ, ବରିଷ୍ଠ ନେତା ଜେମ୍ସ ରାଇକା, ରାଜ୍ୟ ମହିଳା ସଭାନେତ୍ରୀ ନର୍ମଦା ଦଳାଇ ଏବଂ ମୋହନା ନିର୍ବାଚନମଣ୍ଡଳୀର ମୋହନା ସମେତ, ଆର. ଉଦୟଗିରି, ନୂଆଗଡ଼ ଏବଂ ରାୟଗଡ଼ ବ୍ଲକ ଅଧ୍ୟକ୍ଷ ଏବଂ ଜିଲ୍ଲା ପରିଷଦ ସଭ୍ୟ ମାନେ ଯୋଗ ଦେଇଥିଲେ ।

## ଏଟିଏମରୁ ବାହାରୁଛି ଚିରାଫଟା ନୋଟ୍

**ଜି.ଉଦୟଗିରି, ୨୬ ।୧୨(ସମିସ):** ଜି.ଉଦୟଗିରି ଏସବିଆଇ ଏଟିଏମରୁ ଚିରାଫଟା ୫୦୦ ଟଙ୍କିଆ ନୋଟ ବାହାରୁଥିବା ଅଭିଯୋଗ ହୋଇଛି । ବଡଦିନ ସହିତ ଶନିବାର ଏବଂ ରବିବାର ତିନିଦିନ ବ୍ୟାଙ୍କ ଛୁଟି ଥିବା, ଏଟିଏମ ପ୍ରବଳ ଗହଳି ହୋଇଥିବା ବେଳେ ନୋଟ ବଦଳେଇବା କିମ୍ବା ଅଭିଯୋଗ ମଧ୍ୟ କରି ପାରି ନାହାନ୍ତି ଉପଭୋକ୍ତା । ରବିବାର ଜଣେ ଶିକ୍ଷକ ୯୫୦୦ ଟଙ୍କା ବାହାର କରିଥିବାବେଳେ ସେଥିରୁ ଗୋଟିଏ ୫୦୦ ଟଙ୍କା ପୂରା କାଗଜ ପ୍ୟାଚ ପଡ଼ିଥିବା ଚିରା ନୋଟ ଦେଖିବାକୁ ପାଇଥିଲେ । ଏହା ବଜାରରେ କେହି ଗ୍ରହଣ କରିନଥିବା ବେଳେ ବ୍ୟାଙ୍କ ଖୋଲିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି କହିଛନ୍ତି । ଏଟିଏମରୁ ଏହିଭଳି ନୋଟ ବାହାରିବାରୁ ଲୋକେ ନାହିଁ ନଥିବା ହଇରାଣ ହୋଇଛନ୍ତି । ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଭାଗବତ ପାରାୟଣ ସପ୍ତାହ ଆରମ୍ଭ

**ପାରଳାଖେମୁଣ୍ଡି, ୨୬ ।୧୨(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଭଣ୍ଡାରୀ ସାହିରେ ଭାଗବତ ପାରାୟଣ ସପ୍ତାହ ଆରମ୍ଭ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୁରୁ ସାନ୍ତନୁ କୁମାର ପଣ୍ଡା ଦୈନନ୍ଦିନ କଥାମୃତ ଶ୍ରଦ୍ଧାଳୁମାନଙ୍କୁ ପ୍ରବଚନ ଦେଉଛନ୍ତି । ସପ୍ତାହ ବ୍ୟା ।।ପୀ ଉକ୍ତ କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ମିଶ୍ର, କମଳକାନ୍ତ ପାଢ଼ୀ ପ୍ରମୁଖ ସହଯୋଗ କରୁଛନ୍ତି । କାର୍ଯକ୍ରମ ପରିପ୍ରେକ୍ଷୀରେ ସହରର ବହୁ ଶ୍ରଦ୍ଧାଳୁ ମାନେ ଯୋଗ ଦେଇଛନ୍ତି । ମାତା ଅନୁସୂୟା ଦେବୀ ପରିଚାଳନା କରୁଛନ୍ତି ।

## ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣି

**ନୂଆଗଡ଼, ୨୬ ।୧୨(ସମିସ):** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ତିତିସିଂ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ଦ୍ୱାରା ଗ୍ରାମ୍ୟମୁଖି ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୨ଟି ଅଭିଯୋଗ ସମାଧାନ ପାଇଁ ପଞ୍ଜିକୃତ ହୋଇଥିଲା । ସେଥି ମଧ୍ୟରୁ ୪୧ଟି ଅଭିଯୋଗ ଗୋଷ୍ଠୀଗତ ହୋଇଥିବା ବେଳେ ୧୧ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ରହିଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ(ଏଡିଏମ୍) ବୀରେନ୍ଦ୍ର କୁମାର ଦାସ,




ଉପ ଆରକ୍ଷୀ ଅଧୀକ୍ଷକ ସୁନିଲ ମହାନ୍ତି, ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ, ବିଡିଓ ଲୋକନାଥ ଶବର, ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ସମେତ ଜିଲ୍ଲା ଏବଂ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ୮ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଦିଆଯିବା ସହ୨ଜଣ ବ୍ୟକ୍ତିଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରଯାଇଥିଲା । ଏଥି ସହ ଗୋଟିଏ ଅଙ୍ଗନବାଡି କର୍ମୀଙ୍କୁ ଚାକିରିରୁ ବହିଷ୍କୃତ କରି ସେହି ସ୍ଥାନରେ ଅନ୍ୟକୁ ନିଯୁକ୍ତି ଦିଆଯାଇଥିବା ଏବଂ ଉନ୍ନୟନ କାର୍ଯ୍ୟ କରି ଠିକ ସମୟରେ ବିଲ ପାଇନଥିବା ଭଳି ଅଭିଯୋଗ ହୋଇଥିଲା । କାର୍ଯ୍ୟକ୍ରମକୁ ନୂଆଗଡ଼ ପଞ୍ଚାୟତ ସମିତିର ସମସ୍ତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ ।

## ଜାତୀୟ ସେବା ଯୋଜନା କ୍ୟାମ୍ପ୍

**ଫିରିଙ୍ଗିଆ, ୨୬ ।୧୨(ସମିସ):** ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରେ ଥିବା ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟ ତରଫରୁ ବ୍ଲକର ରତଙ୍ଗ ପଞ୍ଚାୟତ ପୋଡାପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୟ ସେବା ଯୋଜନା କ୍ୟାମ୍ପ ଉଦଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଡାପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତାରାଣୀ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୫୦ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ସୁଦାମ ବେହେରା, ଅଧ୍ୟାପିକା ସନ୍ଧ୍ୟାରାଣୀ ପାଢ଼ୀ, ସୁସ୍ମିତା ପଟ୍ଟନାୟକ, ବନିତା ପଣ୍ଡା, ଶର୍ମିଷ୍ଠା ପ୍ରଧାନ, ହରପ୍ରିୟା ମିଶ୍ର, ଅଧ୍ୟାପକ ବିରଞ୍ଚି ନାରାୟଣ ସାହୁ, ଏନ. ଶ୍ରୀନିବାସ ରାଓ, ରଞ୍ଜିତ ଦୀପ ପ୍ରମୁଖ ଉପସ୍ଥିତ ଥିଲେ । ପୋଡାପଡ଼ା ଗ୍ରାମବାସୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

### ■ ଅର୍ବାନ ବ୍ୟାଙ୍କ ସଭାପତି ନିର୍ବାଚନ

## ଆନି ଗୋପାଳ ରାଓ ସଭାପତି ନିର୍ବାଚିତ



**ପାରଳାଖେମୁଣ୍ଡି, ୨୬ ।୧୨(ସମିସ):** ପାରଳାଖେମୁଣ୍ଡିରେ ଥିବା ସହରାଞ୍ଚଳ ସମବାୟ ବ୍ୟାଙ୍କ ଲିଃର ସଭାପତି ଭାବେ ଆନି ଗୋପାଳ ରାଓ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସୂଚନାଯୋଗ୍ୟ ୩୦.୧୦.୨୦୨୩ ତାରିଖରେ ଉଲ୍ଲେଖିତ ବ୍ୟାଙ୍କର ସଭାପତି ତଥା ବରିଷ୍ଠ ବିଜେଡି ନେତା ଏ. ଶଙ୍କରୀଙ୍କ ପରଲୋକ ଘଟିଥିଲା । ସେବେ ଠାରୁ ଆଜିଯାଏ ଏହି ପଦବୀ ଖାଲି ପଡ଼ିଥିବାବେଳେ ମଙ୍ଗଳବାର ବ୍ୟାଙ୍କର ସଭାପତି ନିମନ୍ତେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ହେଲେ ଗୋପାଳ ରାଓଙ୍କ ବ୍ୟତୀତ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ ନକରିଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାର ଘୋଷଣା କରାଯାଇଛି । ପ୍ରକାଶ ଯେ, ସ୍ୱର୍ଗତ ଏ. ଶଙ୍କରୀଙ୍କ ଭାଇ ହେଉଛନ୍ତି ଆନି ଗୋପାଳ ରାଓ । ଗୋପାଳ ରାଓ ନିର୍ବାଚିତ ହେବା ପରେ ସହରର ବିଭିନ୍ନ ମହଲରେ ଶୁଭେଚ୍ଛା ପ୍ରଦାନ କରାଯାଉଛି ।

## ଆନନ୍ଦଉଲ୍ଲାସରେ ବଡ଼ଦିନ ପାଳିତ



**ଦାରିଙ୍ଗବାଡ଼ି, ୨୬ ।୧୨(ସମିସ):** ଦାରିଙ୍ଗିବାଡ଼ିରେ ଆନନ୍ଦ ଉଲ୍ଲାସରେ ବଡ଼ଦିନ ପାଳିତ ହୋଇଛି । ଦାରିଙ୍ଗବାଡ଼ି କ୍ୟାଥିଲିକ ଚର୍ଚ୍ଚର ମୁଖ୍ୟ ଯାଜକ ମୁକୁନ୍ଦ ବଳିଆରସିଂଙ୍କ ନେତୃତ୍ୱରେ ମଧ୍ୟ ରାତିରେ ଯାଜକ ରାଜୀବ ଏବଂ ସହକାରୀ ଯାଜକ ଦୀପକ ସକାଳ ଯଜ୍ଞରେ ପୌରୋହିତ୍ୟ କରିବା ସହ ପ୍ରଭୁ ଯୀଶୁଙ୍କ ଧରାବତରଣ ସମ୍ପର୍କରେ ଅମୃତ ବାଣୀ ପ୍ରଦାନ କରିଥିଲେ । ଦାରିଙ୍ଗବାଡ଼ିରେ ଥିବା କ୍ୟାଥୋଲିକ ଚର୍ଚ୍ଚ ବାପଟିଷ୍ଟ ଚର୍ଚ୍ଚ ଓ ସମେତ ଛୋଟ ରୁ ବଡ଼ ପ୍ରତ୍ୟେକ ଚର୍ଚ୍ଚ ଓ ପ୍ରାଥନା ଗୃହ କୁ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା । ପ୍ରତ୍ୟେକ ନୂତନ ବସ୍ତ୍ର ପରିଧାନ କରି ଘରେ ଘରେ ପିଠା ପଣା କରି ଆନନ୍ଦ ଉଲ୍ଲାସର ସହ ଏହି ପର୍ବ ପାଳନ କରିଛନ୍ତି । ଶାନ୍ତି ଶୃଙ୍ଖଳା ରେ କିଭଳି ଖ୍ରୀଷ୍ଟୀୟ ଭାଇ ଭଉଣୀ ମାନେ ଏହି ଦିନକୁ ପାଳନ କରିବେ ସେଥିପାଇଁ ବିଡିଓ ଗଦାଧର ପାତ୍ର ଏବଂ ତହସିଲଦାର ଶରତ ଶବର ପ୍ରତ୍ୟେକ ଚର୍ଚ୍ଚରେ ଉପସ୍ଥିତ ରହି ତଦାରଖ କରିଥିଲେ ।

## 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍ଯାପିତ

**ଦିଗପହଣ୍ଡି, ୨୬ ।୧୨(ସମିସ)**

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଖେମୁଣ୍ଡି ସ୍ନାତକ ମହାବିଦ୍ୟାଳୟର 'ନୂଆ-ଓ', ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଅନୁପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ମନ୍ମଥନାଥ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସେହିପରି ମହାବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ଡ. ସନ୍ଧ୍ୟାରାଣି ଦାସ ଏବଂ ଦିଗପହଣ୍ଡି ତହସିଲଦାର ଅଶୋକ କୁମାର



ତ୍ରିପାଠୀ, ଏମପି ପ୍ରତିନିଧି ନିରୂପମା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନୋଡାଲ ଅଧିକାରୀ ଅଧ୍ୟାପକ ହିମାଂଶୁ ଶେଖର ମିଶ୍ର ଏବଂ ତ୍ରିଲୋଚନ ରଇତଙ୍କ ତତ୍ତ୍ୱାବଧାନରେ କ୍ରୀଡା, ସାଂସ୍କୃତିକ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପିକା ନିର୍ମଳା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଅଧ୍ୟାପକ ଡ.ଅସିତ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

